

ସ୍ୱିଟୀ କୁଜୁର ଯୁ-୧୮ ଭାରତୀୟ ଦଳର ଅଧିନାୟିକା

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-324 •SATURDAY •23 MAY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୨୪ •ଶନିବାର •୨୩ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



No.1 Residential School for Board / JEE & NEET Integrated Coaching

2026-27 ! 25 Years of Krishna Vikash, Bargarh - The Silver Jubilee Year!

Krishna Vikash Edu. Network
Odisha | Chhattisgarh | Andhra Pradesh

ALL TIME RECORD OF
KRISHNA VIKASH BARGARH
CHSE +2 AHSE 2026 Results

Vikash Higher Secondary School @BARGARH

+୨ ବୋର୍ଡ଼ ଏବଂ ଏଣ୍ଟ୍ରାନ୍ସ ପରୀକ୍ଷାରେ ସଫଳତା ପାଇଁ କ୍ରୀଷ୍ଣା ବିକାଶ, ବରଗଡ଼ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏକମାତ୍ର ନିର୍ଭରଯୋଗ୍ୟ ଶିକ୍ଷାନୁଷ୍ଠାନ।

ODISHA STATE TOPPER — COMMERCE — 592 Marks — SATYASUNDAR 98.7% — ATTABIRA, BARGARH

3rd in WESTERN ODISHA — SCIENCE — 591 Marks — SAMARPITA 98.5% — BHEDEN, BARGARH

Science: RASHESWARI 97.5% 585 Marks, Sarsara, Bargarh | SONALI 97.5% 585 Marks, Khuntpali, Bargarh | SOUMYASHREE 97.5% 585 Marks, Patrapali, Attabira | SUCHISMITA 97.2% 583 Marks, Sonepur | DIPIKA 97.0% 582 Marks, Mandosil, Paikmal

OM PRAKASH 97.0% 582 Marks, Binka | RUTURAJ 97.0% 582 Marks, Kanbar, Barpali | SHREEYANSH 97.0% 582 Marks, Bargarh | SHUBHANKAR 97.0% 582 Marks, Ruhunia, Bargarh | SARITA 96.8% 581 Marks, Baunsuni, Boudh

ALIVA 96.7% 580 Marks, Bhukta | DIBYANSHU 96.5% 579 Marks, Bargarh | RASHMI RANJAN 96.5% 579 Marks, Bargarh | SMITILIKA 96.5% 579 Marks, Bheden | SHUBHANKAR 96.0% 576 Marks, Debahal, Bargarh

TAPNESWAR 96.0% 576 Marks, Brajrajnagar | DUKITA 95.8% 575 Marks, Ambabhona | PRACHI PARIMITA 95.7% 574 Marks, Brajrajnagar | (Commerce) DHARMANANDA 95.7% 574 Marks, Dhanarpur, Kalahandi | PRATYUSHA 95.3% 572 Marks, Titlagarh, Bolangir

SCIENCE: RAM SHANKAR 94.8% 569, Ulunda, Sonepur | JATIN 94.3% 566, Tileimal, Ambabhona | AMAN 94.2% 565, Sundargarh | NIRMAL 93.8% 563, Lakhanpur, Jharsuguda | SARASWATI 93.5% 561, Jamla, Bargarh | SWAYAMABHA 93.5% 561, Bhatli | SEEMA 93.2% 559, Sundargarh | PREMKUMAR 93.0% 558, Ambabhona | ASHPRUHA 92.8% 557, Melchhamunda | PRACHI 92.7% 556, Brajrajnagar | AYUSH 92.5% 555, Bijepur | ROSHNI 92.5% 555, Attabira, Bargarh | JYOTI 92.3% 554, Bhukta | SOUMYARANJAN 92.3% 554, Bargarh | AYUSH 92.2% 553, Bargarh | BINAYA 92.0% 552, Bargarh | PRINCE 92.0% 552, Jamla | SAMIKSHYA 92.0% 552, Bheden

SWASTIK 92.0% 552, Kesinga | BARSHA 91.8% 551, Sambalpur | TIKESWAR 91.7% 550, Jamla | OM PRAKASH 91.5% 549, Tarbha | TANMAYA 91.5% 549, Kesinga | SHREEANSH 91.3% 548, Bargarh | PRIYA 91.2% 547, Bheden | AGRIM 90.7% 544, Bhukta | SASHWAT 90.7% 544, Kesinga | ARYAN 90.5% 543, Remunda | AYUSH 90.5% 543, Sundargarh | PRITESH 90.2% 541, Agalpur, Balangir | PREMANANDA 90.0% 540, Melchhamunda

COMMERCE: ALOK 94.8% 569, Narayanprasad, Boudh | HIMESH 93.7% 562, Bhatli | ARYAN 92.7% 556, Ulunda, Sonepur | ROHAN 91.0% 548, Sambalpur

- Tremendous growth from 10th to +2 Results -

Highest in Western Odisha

10% students scored above 95% Marks | More than 25% students scored above 90% Marks | More than 51% students scored above 80% Marks

| CHSE +2 Result Analysis | > 95% | > 90% | > 500 | > 80% | > 60% | Total Appeared |
|---|---|---|---|---|---|---|
| SCIENCE | 20 | 51 | 86 | 105 | 200 | 204 |
| COMMERCE | 02 | 06 | 11 | 12 | 25 | 26 |

NTA-NEET(UG) 2025 (FRESHER)

BIPRANSHU 560 Marks, VIMSAR, Burla | AYUSHMANTA 540 Marks, GMCH, Sundargarh | SUDHIR 539 Marks, BBMCH, Bolangir | HRUSIKESH 535 Marks, BBMCH, Bolangir | ASHUTOSH 524 Marks, Bhawanipatna Medical College | BARUN 447 Marks, VIMSAR, Burla

LISA — SNLMCH, Koraput — AIR 14432 OBC — 521 Marks — 98.57 Percentile

NTA-NEET(UG) 2024

DIGAMBER — 700 Marks — AIIMS, Kalyani

JEE Mains 2026

PRASHANTA 97.67 Percentile | JATIN 98.46 Percentile | TOSH RANJAN 97.14 Percentile | PRITAM 96.14 Percentile | DIBYANSHU 96.04 Percentile | OM PRAKASH 93.77 Percentile | RAJKUMAR 90.77 Percentile

All Time NEET / JEE ADV. Top Scorers

- Sanat, Amamunda, Jamla — 2023-24, Currently studying in SCB, Cuttack — CHSE +2 518 Marks — NEET 691 Marks
- Satyam Sai, Katapali, Bargarh — 2023-24, Currently studying in VIMSAR, Burla — CHSE +2 548 Marks — NEET 680 Marks
- Jayanta, Pipilipali, Sohela — 2023-24, Currently studying in NIT, Rourkela — CHSE +2 516 Marks — JEE Adv. AIR 4668 SC
- Swastik — NEET 2022-23, Currently studying in SCB, Cuttack — AIR UR 3267 — NEET 652 Marks
- Ayushi — NEET 2022-23, Currently studying in FMMCH, Baleswar — AIR OBC 8383 — NEET 616 Marks
- Anwesh, Dang, Bargarh — Qualified KVPY 2021-22, Currently studying in SCB, Cuttack — CHSE +2 574 Marks — NEET 638 Marks
- Sanatan, Kapasira, Bargarh — Qualified KVPY 2020-21, Currently studying in AIIMS, BBSR — CHSE +2 542 Marks — NEET 678 Marks
- Bajrang, Burla, Sambalpur — 2020-21, Currently studying in IIT, Kharagpur — CHSE +2 544 Marks — JEE Adv. 696 AIR Gen. EWS
- Ritesh, Mandosil, Bargarh — 2019-20, Currently studying in SLNMCH, Koraput — CHSE +2 505 Marks — NEET 595 Marks
- Chinmaya, Bankitikra, Balasore — Qualified KVPY 2018-19, Currently studying in AIIMS, BBSR — CHSE +2 528 Marks — NEET 585 Marks

ADMISSIONS OPEN (Co-Ed. Day/Residential)
+2 CHSE & Nursery to IX / X* & XI / XII* CBSE
(+2 Science / Commerce | XI Science / Commerce / Humanities)
• INTEGRATED JEE/NEET/ CUET / CA Foundation
Super40 NEET/IIT-JEE/CUET
[1 Year Extended Regular Classroom Programme for Class XII/+2 Passout Students]

krishnavikash.com

CHSE : 94393 53433 / 70641 40000
94380 69105 / 94375 89101

CBSE : 63707 04779 / 76820 64666
91245 99099 / 93373 10441

For UG Courses @ AIPH University, Bhubaneswar & Krishna Vikash Global University, Raipur Contact: 94393 53433 / 70777 71976

# ଜମି ହରାଇବାକୁ ଥିବା ଗ୍ରାମବାସୀଙ୍କ ସହ ପ୍ରଶାସନର ଆଲୋଚନା

ତାଳଚେର,୨୨।୫(ସମିସ)



ଭୁବନେଶ୍ୱରୀ କୋଇଲାଖଣି ପାଇଁ ଜମି ହରାଇବାକୁ ଥିବା କଣ୍ଡାଳ, ତ୍ରିଲୋଚନପୁର, ଅନାଦିପୁର ଓ ଯଦୁନାଥପୁର ଗ୍ରାମବାସୀଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ଆଜି ତାଳଚେର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଉପଜିଲ୍ଲାପାଳ ଆଶିଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମବାସୀଙ୍କ ବିଭିନ୍ନ ଦାବି ନେଇ ଆଲୋଚନା କରାଯାଇଥିଲା। ଏମସିଏଲ୍ ପକ୍ଷରୁ ଉପରୋକ୍ତ ମୌଜା ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ କରାନଯାଇ ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଏମସିଏଲର ପ୍ରୟାସକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ମାତ୍ର ଏମସିଏଲ କର୍ତ୍ତୃପକ୍ଷ କହିଥିଲେ ଯେହେତୁ ବିଦ୍ୟାଳୟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକ ଖଣିରେ ଯିବ ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ତାହାକୁ ଅନ୍ୟତ୍ର ଉଠାଯାଇ ସେଠାରେ ଏକ ଉନ୍ନତ ମାନର ବିଦ୍ୟାଳୟ ନିର୍ମାଣ କରାଯିବା ସହ ଗ୍ରାମର ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଗ୍ରାମରୁ ବିଦ୍ୟାଳୟକୁ ଯିବାକୁ ବସ୍‌ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଗ୍ରାମର ବେକାର ଯୁବକମାନଙ୍କୁ ବିଭିନ୍ନ ଘରୋଇ ପ୍ରତିଷ୍ଠାନ ଗୁଡିକରେ ସେମାନଙ୍କର ଆବଶ୍ୟକ ମୁତାବକ ବିଭିନ୍ନ ପଦରେ ନିଯୁକ୍ତି ଦେବାକୁ ପ୍ରୟାସ କରାଯିବ ବୋଲି ଏମ୍‌ସିଏଲ କର୍ତ୍ତୃପକ୍ଷ କହିଥିଲେ। ବୈଠକରେ ଏମ୍‌ସିଏଲ କୋଇଲାଖଣି ପାଇଁ ଜମି ନେବାକୁ ୧୧ (୧) ନୋଟିସ ଜାରି କରିଥିଲେ ମଧ୍ୟ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ଏକର ପିଛା କେତେ ମୂଲ୍ୟ ଦେବେ ତାହାର ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଶେଷରେ ଉପ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଆସନ୍ତା ଜାନୁୟାରୀ ୨୦୨୭ ସୁଦ୍ଧା କଟ ଅଫ୍ ତାରିଖ ଘୋଷଣା କରାଯିବା ସହ ମାର୍ଚ୍ଚ ୨୦୨୭ ସୁଦ୍ଧା ପିଡିଏଫ୍ କାର୍ଯ୍ୟ ସମାପ୍ତ ହେବ ବୋଲି ଏମ୍‌ସିଏଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏହାସହ ନିଯୁକ୍ତି ନେଇ କାଟାଗୋରି ୧ ଓ ୨ରେ ଆସୁଥିବା ଜମିହରା ପ୍ରଜାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ଦିଆଯାଇଥିବାବେଳେ ଥଇଥାନ ନେଇ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସୂଚନା କର୍ତ୍ତୃପକ୍ଷ ଦେଇପାରିନଥିଲେ। ଗ୍ରାମବାସୀମାନେ ରାଷ୍ଟ୍ରହିତ ପାଇଁ ତ୍ୟାଗ କରିବାକୁ ପ୍ରସ୍ତୁତ ଥିବାବେଳେ ଏମ୍‌ସିଏଲ କର୍ତ୍ତୃପକ୍ଷ ଜମିହରା ପ୍ରଜାଙ୍କୁ ପାଇଁ ସ୍ପଷ୍ଟ ନୀତି କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀମାନେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଭରତ ଚରଣ ସାହୁ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ ସିଂଙ୍କ ସମେତ ବହୁଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

କଣିହାଁ,୨୨।୫(ସମିସ): ଏନଟିପିସି ଟାଉନ ଥାନା ଅନ୍ତର୍ଗତ ବାରଡାଙ୍ଗୁଆ ଗ୍ରାମରେ ଲିପୁନ ମହାନ୍ତି (୨୮) ନାମକ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଖବର ପାଇ ଏନଟିପିସି ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୨ ଅଟକ

କଣିହାଁ,୨୨।୫(ସମିସ): ଏନ୍‌ଟିପିସି ପୁଲିସ ଗୁରୁବାର ସନ୍ଧ୍ୟାରେ ଗମ୍ଭାରୀଡିହ ଠାରେ ଏକ ଜୁଆଆଡ୍ଡା ଉପରେ ଚଢ଼ଉ କରିଥିଲା। ସେଠାରୁ ୧୬ ହଜାର ୬୦୦ ଟଙ୍କା, ଗୋଟିଏ ବାଇକ, ୩ ପ୍ୟାକେଟ ତାସ ଓ ଏକ ପଲିଥିନ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣକୁ ଅଟକ ରଖି ଅଧିକ ପଚରା ଉଚରା କରୁଛି। ଅଟକ ଥିବା ୨ଜଣ ହେଲେ ଜ୍ଞାନେନ୍ଦ୍ର ଦେହୁରୀ ଓ ଭୀଷ୍ମ ବେହେରା।

## ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଭା ସମ୍ମାନ



ଅନୁଗୋଳ,୨୨।୫(ସମିସ): ଜିଲ୍ଲାସ୍ତରରେ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ପିଏମଶ୍ରୀ ବାଗେଡିଆ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ଆଚାର୍ଯ୍ୟ ଓ ଦ୍ୱିତୀୟ ହୋଇଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଗୋଳ ଛାତ୍ରୀ ସେଲୋନି ସାହୁଙ୍କୁ ଆଜି ଅନୁଗୋଳ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ, ପିଏମଶ୍ରୀ ବଗେଡିଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜନ କୁମାର ସାହୁ ଓ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱାନ୍ତ



ବଆଁରପାଳ,୨୨।୫(ସମିସ): ବଆଁରପାଳ ବ୍ଲକ ବଆଁରପାଳ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବିଜୁଳି ସର୍ଟସର୍କିଟରୁ ଦୁଇ ପରିବାରଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ଅପରାହ୍ନରେ ପ୍ରମିଳା ଗଡ଼ନାୟକ ଓ ନର୍ମଦା ଗଡ଼ନାୟକଙ୍କ ପରିବାର ରୋଷେଇ କରି ଘରେ ଟିଭି ଦେଖୁଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟ ହୋଇ ତାର ଗୁଡିକ ନିଆଁ ଧରିଥିଲା। ପରିବାର ଲୋକେ ଭୟରେ ଘର ବାହାରକୁ ଦୌଡ଼ି ଆସି ପଡୋଶୀ ଲୋକଙ୍କୁ ଡାକ ପକାଇ ଥିଲେ। ସେହି ସମୟ ମଧ୍ୟରେ ଚାଳଘର ନିଆଁ ହୁତୁ ହୁତୁ ହୋଇ ଜଳିଥିଲା। ପଡ଼ୋଶୀ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ବଆଁରପାଳ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମରେ ବଡ଼ ଅଗ୍ନିକାଣ୍ଡରୁ ରକ୍ଷା କରିଥିଲେ। ହେଲେ ନର୍ମଦା ଓ ପ୍ରମିଳାଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହେବା ସହ ପିନ୍ଧା ବସ୍ତ୍ର, ପିଲା ମାନଙ୍କ ପାଠପଢା ବହି, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ସୁନାଗହଣା ଓ ଘରେ ରଖିଥିବା ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ସରପଞ୍ଚ ଅନୁସୂୟା ଗଡନାୟକ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ସମସ୍ତ ସାହାର୍ଯ୍ୟ ଯୋଗାଇବା ସହ ପ୍ରସାଶନ ପକ୍ଷରୁ ସହାୟତା ପାଇଁ ଜଣାଇଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବଗାନ୍ଧୀଙ୍କ ତିରୋଧାନ ଦିବସ



ଅନୁଗୋଳ,୨୨।୫(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବଗାନ୍ଧୀଙ୍କ ତିରୋଧାନ ଦିବସ ରାଜ୍ୟ ଦଳିତ କଂଗ୍ରେସର ସାଧାରଣ ସମ୍ପାଦକ ତପନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସମସ୍ତ କଂଗ୍ରେସ ନେତା ଓ କର୍ମୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ଜୀବନୀ ଓ ବଳିଦାନ ଉପରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଅମୂଲ୍ୟ ବେହେରା, ବିନୋଦ କୁମାର ମାଝୀ, ରାକେଶ ମିଶ୍ର, ସ୍ୱରୁପ ମିଶ୍ର, ସଂଗ୍ରାମ କେଶରୀ କୁଅଁର, ରଶ୍ମି ରଞ୍ଜନ ସାହୁ, ସଞ୍ଜୟ ସାହୁ, ସଂଗ୍ରାମ ବେହେରା, ରଞ୍ଜିତ ବେହେରା, ଅଭୟ ବେହେରା, ଅଭୟ କୁମାର ସାହୁ, ଧୀରେନ କୁମାର ମୁଦୁଲି, ଅରୁପ ସାମଲ, ମନୋଜ ସାହୁ, ପ୍ରତାପ ସେଠି, ସୁଶିଲ ମିଶ୍ର, ଧୃବ ଚରଣ ନାଏକ, ସତ୍ୟବ୍ରତ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି ବୈଠକ ବାତିଲ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

## ଉଦ୍‌ବେଗ ପ୍ରକାଶ କଲେ ସଭ୍ୟ; ବିଡିଓଙ୍କ ସହ ବୈଠକ



କିଶୋରନଗର,୨୨।୫(ସମିସ): କିଶୋରନଗର ପଞ୍ଚାୟତ ସମିତିରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ଦୀର୍ଘ ୧୫ ମାସ ହେଲାଣି ବ୍ଲକରେ ପଞ୍ଚାୟତ ସମିତି ବୈଠକ ହୋଇପାରୁ ନଥିବାବେଳେ ଶୁକ୍ରବାର ବୈଠକ ବସିବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ, ଶେଷ ମହୂର୍ତ୍ତରେ ଏହାକୁ ବାତିଲ କରାଯାଇଛି। ବ୍ଲକ୍ ଚେୟାରମ୍ୟାନ ନିଜର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବୈଠକ ବନ୍ଦ କରିବାକୁ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ବୈଠକ ସ୍ଥଗିତ ରହିଛି। ହେଲେ ଏହା ପଛରେ ବଡ଼ ରାଜନୈତିକ ଚକ୍ରାନ୍ତ ଥିବା ଅଭିଯୋଗ କରିଛନ୍ତି ସମିତିସଭ୍ୟ। ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ ଏହାକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ଆଜି ଅର୍ଥାତ୍ ମଇ ୨୨ରେ ବୈଠକ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଗତ ୨୦ ତାରିଖରେ ବ୍ଲକ୍ ଚେୟାରମ୍ୟାନ ହଠାତ୍ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ବୈଠକ ବନ୍ଦ କରିବାକୁ ବିଡ଼ିଓଙ୍କୁ ଲିଖିତ ଭାବେ ଚିଠି ଦେଇଥିଲେ। ଆଉ ଏହାକୁ ଆଧାର କରି ବିଡ଼ିଓ ବୈଠକ ବାତିଲ କରିବା ପରେ ଆଜି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସମିତିସଭ୍ୟ/ସଭ୍ୟା।

ବୈଠକ ବାତିଲ୍ ପଛର ଅସଲ କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ନା ଏହା ପଛରେ ରହିଛି କୌଣସି ରାଜନୈତିକ ଚକ୍ରାନ୍ତ? କିଶୋରନଗର ବ୍ଲକର ସମିତିସଭ୍ୟମାନେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ବିଧାୟକଙ୍କ ଇଙ୍ଗିତରେ ହିଁ ବୈଠକକୁ ଶେଷ ମୁହୂର୍ତ୍ତରେ ବନ୍ଦ କରାଯାଇଛି। ରାଜନୈତିକ ଟଣାଓଟରା ଭିତରେ ବଳି ପଡୁଛି ସାଧାରଣ ଜନତାଙ୍କ ବିକାଶ। ଏବେ ଦେଖିବାକୁ ବାକି ରହିଲା, ସମିତିସଭ୍ୟଙ୍କ ଏହି ଗୁରୁତର ଅଭିଯୋଗ ଉପରେ ବ୍ଲକ୍ ପ୍ରଶାସନ କେବେ ଗୁରୁତ୍ୱ ଦେଇ ବୈଠକ ବସିବାପାଇଁ ସ୍ଥିର କରିବେ ଓ ଏ ନେଇ ଆଜି ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ଧନେଶ୍ୱର ସାହୁ, ସୁନୀଲ ସାହୁ, ପ୍ରଣବ ପ୍ରଧାନ, ସାବିତ୍ରୀ ନାଏକ, ଉର୍ମିଳା ସେଠୀ, ଦ୍ରୋପଦୀ ନାଏକ, ସସ୍ମିତା ସାହୁ, ମମତା ମେହେର, ଲଲାଟ ମଞ୍ଜରୀ ସାହୁ ପ୍ରମୁଖଙ୍କ ସମେତ ବହୁ ସଭ୍ୟ/ସଭ୍ୟା ଲିଖିତ ଭାବେ ଜିଲ୍ଲାପାଳଙ୍କ ନିକଟକୁ ମେଲ୍ ଯୋଗେ ଅଭିଯୋଗ କରିଛନ୍ତି। ଯଦି ଏହାର ସମାଧାନ କରାନଯାଏ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଶିଶୁ କଲ୍ୟାଣ ସୁରକ୍ଷା କମିଟି ବୈଠକ




କିଶୋରନଗର,୨୨।୫(ସମିସ): ବିଶ୍ୱ ଯୁବ କେନ୍ଦ୍ର, ବଣୀନାଳୀ, ଅନୁଗୋଳ ଦ୍ୱାରା ପରିଚାଳିତ "ଆକ୍ସେସ ଟୁ ଜଷ୍ଟିସ' କାର୍ଯ୍ୟକ୍ରମ ଦ୍ୱାରା ଅନୁଗୋଳ ଜିଲ୍ଲାର କିଶୋରନଗର ବ୍ଲକ ଅନ୍ତର୍ଗତ ଖମାର, ଗଦେଇମୁଣ୍ଡା, ରଘୁନାଥପୁର, ଉରୁକୁଳା, ବଡ଼ବାହାଲ, କରଡ଼ାବାହାଲି, ଭେଜିଗୋଠ ଗ୍ରାମ ମାନଙ୍କରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାଡମେମ୍ବର, ଅଙ୍ଗନବାଡ଼ି, ଆଶାକର୍ମୀ, କିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଗ୍ରାମର ଅନ୍ୟ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତରେ ଜିଲ୍ଲାରେ ଶିଶୁମାନଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ ଓ ଏହାର ଭୟାବହତା ଉପରେ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଆଇନରେ ଥିବା ଦଣ୍ଡବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ତଥା ପରିଚାଳନା ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପି ପି ଦେହୁରୀ ଓ ଡ଼ିପି ଦେହୁରି ପରିଚାଳନା କରିଥିଲେ।

■ ଜାତୀୟ ସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତା

## ଗ୍ଲାମ୍ ଇଣ୍ଡିଆରେ ଏଲ୍‌ଏସ୍ କୁଇନ୍ କ୍ୟୁରୀଙ୍କ ବାଜିମାତ୍



ଅନୁଗୋଳ,୨୨।୫(ସମିସ): ଭୁବନେଶ୍ୱରସ୍ଥିତ ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାସନାଲ ଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗୀତା, ଗ୍ଲାମ ଇଣ୍ଡିଆ-୨୦୨୬ର ଗ୍ରାଣ୍ଡ ଫିନାଲେରେ ପ୍ରି-ଟିନ୍ କାଟାଗୋରୀରେ ପ୍ରଥମ ରନର୍ସଅପ୍‌ର ମୁକୁଟ ହାତେଇଛନ୍ତି ଅନୁଗୋଳ ସହରର ଏଲ.ଏସ୍. କୁଇନ୍ କ୍ୟୁରୀ। ଗ୍ଲାମ ଇଣ୍ଡିଆର ମ୍ୟାନେଜିଙ୍ଗ ଡାଇରେକ୍ଟର ଜ୍ୟୋତିର୍ମୟୀ ମହାପାତ୍ର ଏବଂ ଡାଇରେକ୍ଟର ମିସ ଆୟନା ରାଉତରାୟଙ୍କ ମିଳିତ ନେତୃତ୍ୱରେ ଉକ୍ତ ଗ୍ରାଣ୍ଡ ଫିନାଲେରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଲ.ଏସ୍. କୁଇନ୍ କ୍ୟୁରୀ ହେଉଛନ୍ତି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ପୋଇପାଳ ଗ୍ରାମର ଲିଙ୍ଗରାଜ ପ୍ରଧାନ ଓ ସଂଗୀତା ରାଣୀ ବେହେରାଙ୍କ ଝିଅ ତଥା ରୋଟାରୀ ପବ୍ଲିକ୍ ସ୍କୁଲ୍, ଅନୁଗୋଳର ଅଷ୍ଟମ ଶ୍ରେଣୀ ଛାତ୍ରୀ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଶ୍ରେଷ୍ଠ ବିଚାରକ ମଣ୍ଡଳୀ, ଲିୟନ୍ ପ୍ରିନ୍ସ, କେ. ଆର୍. ସନ୍ତୋଷିନୀ, ଦିଗ୍‌ଦର୍ଶୀ ମିଶ୍ର, ଜିତ୍ ଜର୍ଜିତ୍ ଓ ଡଃ. ଜୟନ୍ତ କୁମାର ଦାସ୍ ଏବଂ ତତ୍‌ସହିତ ବିଶିଷ୍ଟ ଅତିଥିଗଣ, ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଂଗୀତା ଓ ଅଭିନେତ୍ରୀ ଦେବଯାନୀ, ଅଭିନେତ୍ରୀ ଲିପିକା ପରିଡା, ଓଡିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଓଲିଉଡ୍ ଚଳଚ୍ଚିତ୍ର ନିର୍ମାତା ଡଃ ପ୍ରକାଶ ଶ୍ରୀଚନ୍ଦନଙ୍କ ଉପସ୍ଥିତିରେ ଏଲ.ଏସ୍. କୁଇନ୍ କ୍ୟୁରୀଙ୍କୁ କ୍ରାଉନ୍ ପ୍ରଦାନ କରାଯାଇଥିଲା।

## ବିଜେଡିର ସାଂଗଠନିକ ବୈଠକ



ଖମାର,୨୨।୫(ସମିସ): ଆଜି ପାଲଲହଡା ନିର୍ବାଚନମଣ୍ଡଳୀ ପରାଛାଟ ଗ୍ରାମପଞ୍ଚାୟତରେ ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଶିବପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡାର ପୂର୍ବତନ ଯୁବ ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଲ, ସମ୍ମାନୀତ ଅତିଥି ଭାବେ ପାଲଲହଡା ବିଜୁ ଜନତା ଦଳର ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ସାଧାରଣ ସମ୍ପାଦକ ନରେନ୍ଦ୍ର ଭୁକ୍ତା ଯୋଗଦେଇ ଆଗାମୀ ଦିନରେ ପରାଛାଟ ପଞ୍ଚାୟତରେ ବିଜୁ ଜନତା ଦଳ କିପରି ତୃଣମୂଳସ୍ତରରୁ ମଜଭୂତ ହେବ ଓ ଏ ମିଛୁଆ ସରକାରକୁ ଆଗାମୀ ଦିନରେ ଲୋକ କିପରି ପ୍ରତ୍ୟାଖ୍ୟାନ କରିବେ ସେ ବିଷୟରେ ପ୍ରତ୍ୟେକ ଗ୍ରାମରୁ ଆସିଥିବା ବିଜୁ ଜନତା ଦଳର କର୍ମୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

ଶୁଖା ପଡ଼ିଛି ମହାନଦୀ

# ଗାଁରେ ହାତୀ, ସହରରେ ତାତି

ଅନୁଗୋଳ,୨୨।୫(ସମିସ)

ମଣିଷ ସୁସ୍ଥ ସବଳ ତଥା ମାନସିକ ଭାବେ ଦକ୍ଷ ରହିବାପାଇଁ ଯେମିତି ଉତ୍ତମ ଖାଦ୍ୟ ଓ ଉତ୍ତମ ପରିବେଶ ଆବଶ୍ୟକ କରେ ପୃଥିବୀ ମଧ୍ୟ ସବୁଜ ସୁନ୍ଦର ରହିବାକୁ ତାର ମାଟି ପାଣି ପବନ କିଭଳି ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରହିବ ତାହା ଦେଖିବା ଆମର କର୍ତ୍ତବ୍ୟ। କିନ୍ତୁ ଗତ ଦୁଇ ଦଶନ୍ଧି ଧରି ଆମ ଜିଲ୍ଲା, ଆମ ରାଜ୍ୟ, ଆମ ଦେଶ ଯେଭଳି ବିପର୍ଯ୍ୟସ୍ତ ପରିବେଶ ଦେଇ ଗତି କରୁଛି ତାର ଫଳ ଆମେ ଭୋଗୁଛୁ। ଏହି ବିପର୍ଯ୍ୟସ୍ତ ପରିବେଶ ପାଇଁ ଆମେ ଦାୟୀ। ଆମେ ନ ସୁଧୁରିଲେ ପରିବେଶ ଠିକ୍ ରହିବ ନାହିଁ। ଆମ ଜିଲ୍ଲାର ସାତକୋଶିଆ ଗଣ୍ଡ ଓଡ଼ିଶାର ଅନ୍ୟତମ ଘଞ୍ଚ ଜୈବ ବିବିଧତାପୂର୍ଣ୍ଣ ଅଞ୍ଚଳ। ଏଠାରେ ଏକଦା ଶାଳ, ପିଆଶାଳ, ମହୁଆ ଆଦି ଗଛ ବହୁ ସଂଖ୍ୟାରେ ଥିଲା। କିନ୍ତୁ ସହରୀକରଣ ବଢିଲା। ଗଛ ପଦା ହେଲା। ଛତିଶଗଡ଼ ଯୋଗୁଁ ମହାନଦୀର ଉପରମୁଣ୍ଡରୁ ଯେତେ ପାଣି ଆସିବା କଥା ଆଉ ଆସୁନାହିଁ। ମହାନଦୀ କ୍ରମଶଃ ଶୁଖି ଯାଉଛି। ସାତକୋଶିଆର ଘଞ୍ଚ ଜଙ୍ଗଲ ଭିତରେ ବହୁ ଦୁର୍ଲଭ ଗଛ ଲତା ଗୁଳ୍ମ ସମେତ ଶୈବାଳ ଆଦି ଦେଖିବାକୁ ମିଳୁଥିଲା; ଯାହା ଏବେ ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଲାଣି। ଖଣିଖାଦାନ ବଢ଼ିବା, ବନ୍ୟଜନ୍ତୁଙ୍କ ବାସସ୍ଥାନ ନଷ୍ଟ ହେବା ଯୋଗୁ ବନ୍ୟଜନ୍ତୁ ବିଶେଷ କରି ହାତୀ, ବାରହା ଏବେ ଗାଁ ମୁହାଁ ହେଲେଣି। ଏଥିରେ ଅଯଥାରେ ଲୋକଙ୍କ ଧନଜୀବନ ନଷ୍ଟ ହେଉଛି। ସାତକୋଶିଆରେ ୨୦୦ରୁ ଅଧିକ ପ୍ରକାରର ପକ୍ଷୀ ଦେଖିବାକୁ ମିଳୁଥିଲେ। ଏବେ ଅନେକ ଲୋପ ପାଇ ଗଲେଣି। ଉଡ଼ନ୍ତା ଗୁଣ୍ଡୁଚି ଯାହାକୁ ଜିଲ୍ଲା ପ୍ରଶାସନ ଏକଦା ଜିଲ୍ଲା ମହୋତ୍ସବର ମାସ୍କଟ କରିଥିଲା ତା'ର ସୁରକ୍ଷା ପାଇଁ ବିଭାଗୀୟ ତତ୍ପରତା ଯେଭଳି ରହିବା କଥା ତାହା ହେଉନାହିଁ। ଗତ ୧୦ବର୍ଷ ମଧ୍ୟରେ ଅନୁଗୋଳ ସହରରେ କେବଳ ନୂଆ ଘର ତିନି ଗୁଣା ବଢ଼ିଛି। ଖଣିଖାଦାନ ବଢ଼ିଲାଣି। ତେଣୁ ତାପମାତ୍ରା ଏବେ ପୂର୍ବ ବର୍ଷ ତୁଳନାରେ ଦୁଇରୁ ତିନି ଡିଗ୍ରୀ ଅଧିକ ରହୁଛି। ବର୍ତ୍ତମାନ ଖରା ୪୨ରୁ ୪୩ ଡିଗ୍ରୀ ରହୁଛି। ଏଭଳି ତାତିରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଯଦି ସରକାର ଆସନ୍ତା ଦିନରେ ବୃକ୍ଷରୋପଣ ଅଭିଯାନକୁ ତ୍ୱରାନ୍ୱିତ ନ କରିବେ ତେବେ ଜିଲ୍ଲା ପରିବେଶ ଅତ୍ୟନ୍ତ ଖରାପ ହେବା ସହ ପକୃତି ତାର ଭୟାବହ ରୂପ ଦେଖାଇବ।

ଜୈବ ବିବିଧତା ଦିବସରେ ଅନୁଚିନ୍ତା

ରାତ୍ରିକାଳୀନ କ୍ରିକେଟ୍ ମ୍ୟାଚ

## ସାନହୁଲାକୁ ହରାଇ ବିମଳବେଡ଼ା ଚାମ୍ପିଅନ




କିଶୋରନଗର,୨୨।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଆନନ୍ଦପୁରଠାରେ ଏମ୍‌ଏମ୍‌ସିସି କ୍ଲବ ଆନନଦପୁର ପକ୍ଷରୁ ସିପୁ ଆଣ୍ଡ ସିପୁ ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି। ୬ ଦିନ ଧରି ଏହି ଖେଳ ଚାଲିଥିଲା। ପ୍ରଥମ ଦିନ ସମାଜସେବୀ ସଞ୍ଜୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଓ ସମ୍ମାନିତ ଅତିଥିଭାବେ ଶିକ୍ଷକ ଚିଦାନନ୍ଦ ଦେହୁରୀ, ସମାଜସେବୀ ରଘୁନାଥ ରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଜି ଉଦ୍‌ଯାପନୀ ଉତ୍ସବର ପ୍ରଥମ ମ୍ୟାଚଟି ୮ ଓଭର ବିଶିଷ୍ଟ ହୋଇଥିଲା। ୮ ଓଭରରେ ବିମଳବେଡା ୭୩ରନ କରିଥିଲା ଓ ସାନହୁଲା ୬୬ରନ କରି ପରାସ୍ତ ହୋଇଥଲା। ଦ୍ୱିତୀୟ ମ୍ୟାଚଟି ୬ ଓଭରରେ ଉଭୟ ଦଳ ୪୬ରନ କରିଥିଲେ ଓ ମ୍ୟାଚଟି ଡ୍ର ହୋଇଥିଲା। ତୃତୀୟ ମ୍ୟାଚ ଏକ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ସାନହୁଲା ବ୍ୟାଟିଂ କରି ୬ ବଲରେ ୫ ରନ କରିଥିବା ବେଳେ ବିମଳବେଡା ୬ ବଲରେ ୬ ରନ କରି ବିଜୟୀ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ଶିକ୍ଷକ ଚିଦାନନ୍ଦ ଦେହୁରୀ, ସମାଜସେବୀ ଶତ୍ରୁଘ୍ନ ସାହୁ, ସଞ୍ଜୟ ପ୍ରଧାନ, ରଘୁନାଥ ରଣା, ପଞ୍ଚାନନ ସାହୁ, ନରେଶ ନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ଲିଟୁ, ରିଙ୍କୁ, ବାପି, ଦୁଷ୍ମନ୍ତ, ବୁଦ୍ଧଦେବ। ସହଯୋଗ କରିଥିଲେ ଏମ୍‌ଏମ୍‌ସିସି କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଦେବୀ ନଦୀରେ ବୁଡ଼ି ଯୁବକ ମୃତ

ବାଲିକୁଦା,୨୨।୫(ସମିସ)

ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ଅସିଲ ଗ୍ରାମ ଦେଇ ପ୍ରବାହିତ ହୋଇଥିବା ଦେବୀ ନଦୀରୁ ମାଛ ଧରିବାକୁ ଯାଇଥିବା ଉକ୍ତ ପଞ୍ଚାୟତର ସଂଗ୍ରାମ ପରିଡା (୨୮) ପାଣିରେ

**ମାଛ ଧରାଳିଙ୍କ ଦ୍ୱାରା ଅନ୍ୟ ଜଣେ ଉଦ୍ଧାର**

ବୁଡି ପ୍ରାଣ ହରାଇଛନ୍ତି। ଅନ୍ୟ ଜଣେ ସହଯୋଗୀ ମିଲୁ ପରିଡାକୁ ନଦୀ ସେପାରିରେ ଜାଲ ପକାଇ ମାଛ ଧରୁଥିବା ଗ୍ରାମର ଯୁବକ ବଳରାମ ମହାନ୍ତି ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ସୂଚନା ଅନୁଯାୟୀ ସୁକିଦା ଗ୍ରାମର ସଂଗ୍ରାମ କଟକରେ ରହି ନିଜର ବ୍ୟବସାୟ କରିଥାନ୍ତି। ସେ ଗତ ୨ ଦିନ ତଳେ ନିଜ ଗ୍ରାମକୁ ଆସିଥିଲେ। ସେ ଜଣେ ଭଲ କ୍ରିକେଟ ଖେଳାଳି ହୋଇଥିବା କାରଣରୁ ତାଙ୍କ ଟିମ୍ ଆଜି ଅପଣ୍ଡରା ଠାରେ ସେମିଫାଇନାଲ ମ୍ୟାଚ ଖେଳିବା ନେଇ ସେ ଘରେ ରହିଥିଲେ। ସକାଳ ୮ଟା ବେଳେ ଗ୍ରାମ ଠାରୁ ୨୦୦ ମିଟର ଦୂର ଅସିଲ ଗ୍ରାମକୁ



ଯାଇ ଦେବୀ ନଦୀରେ ନିଜ କ୍ରିକେଟ ଟିମ୍‌ର ସାଥି ଖେଳାଳି ମାଛ ଧରୁଥିବା ଦେଖି ନିଜର ୪ ଜଣ ସାଙ୍ଗ ସହ ନଦୀ କୂଳକୁ ଯାଇଥିଲେ। ନଦୀ ଆର ପଟେ ମାଛ ଧରୁଥିବା ନିଜ ଟିମର ବଳରାମ ମହାନ୍ତି ନଦୀ ମଧ୍ୟରେ ପ୍ରବେଶ ପାଇଁ ବାରମ୍ବାର ବାରଣ କରିବା ସତ୍ତ୍ୱେ ୨ ଜଣ ସାଙ୍ଗଙ୍କୁ ନଦୀ କୂଳରେ ଠିଆ କରାଇ ନିଜ ପିନ୍ଧିଥିବା ଗଞ୍ଜିକୁ ଧରାଇ ଦେଇ ନଦୀ ମଧ୍ୟରେ ପ୍ରବେଶ କରିଥିଲେ। ଏହି ସମୟରେ ଜଣେ ବନ୍ଧୁ ଟିକିଏ ଆଗକୁ ଯାଇ ବୁଡି ଯାଉଥିବା ସମୟରେ ବଳରାମ ଏହା ଦେଖି ତାଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡି ସଂଗ୍ରାମକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିବା ସମୟରେ ସେ ବୁଡି ଯାଇଥିଲା। ବଳରାମ ବହୁ ଖୋଜାଖୋଜି କରିବା ପରେ ଉଦ୍ଧାର କରି ନପାରି ଶେଷରେ ବାଲିକୁଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା। ପରେ ବାଲିକୁଦା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗ ପ୍ରାୟ ୩ ଘଣ୍ଟା ଖୋଜିବା ପରେ ଉଦ୍ଧାର ପାଇଁ ସଫଳ ହୋଇ ନଥିବାରୁ ଓଡ୍ରାଫ ଟିମ ର ସହାୟତା ନିଆଯାଇଥିଲା। ଓଡ୍ରାଫ ଟିମ ପହଞ୍ଚି ପ୍ରାୟ ଏକ ଘଣ୍ଟା ପରେ ଉଦ୍ଧାର କରିବା ସମୟରେ ସଂଗ୍ରାମର ପ୍ରାଣବାୟୁ ଉଡି ଯାଇଥିଲା। ଆମ୍ବୁଲାନ୍ସ ଯୋଗେ ବାଲିକୁଦା ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପରେ ଥାନା ଅଧିକାରୀ କାବୁଲି ବାରିକ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜଗତସିଂହପୁର ମୁଖ୍ୟ ମେଡିକାଲ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ସୂଚନା ମିଳିଛି।

## ମଦୁଆଙ୍କୁ ଧରିବାକୁ ଛକରେ ଜିଲ୍ଲାପାଳ, ଏସ୍‌ପି



ପାରାଦୀପ,୨୨।୫(ସମିସ): ମଦୁଆଙ୍କୁ ଧରିବାକୁ ପାରାଦୀପରେ ଯାଞ୍ଚ କରୁଛନ୍ତି ଜିଲ୍ଲାପାଳ ଓ ଏସ୍‌ପି। ଜିଲ୍ଲାପାଳ ଜେ. ସୋନାଲ ଓ ଏସ୍‌ପି ଅଙ୍କିତ କୁମାର ବର୍ମା ସନ୍ଧ୍ୟାରେ ବିଭିନ୍ନ ଛକରେ ଛିଡ଼ା ହୋଇ ମଦୁଆଙ୍କୁ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ପାରାଦୀପ ଭଳି ଶିଳ୍ପ ସହରରେ ଯେଉଁଭଳି ଭାବରେ ନିଶାଡ଼ିଙ୍କ ପ୍ରାଦୁର୍ଭାବ ବଢି ଚାଲିଛି ତାକୁ ନେଇ ଏବେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ନିଦ ହଜିଯାଇଛି। ମଦ ଦୋକାନ ନିକଟରେ ଲୋକମାନେ ରାସ୍ତା ଉପରେ ଠିଆ ହୋଇ ମଦ ପିଉଛନ୍ତି। ନା ପୁଲିସର ନା ଲୋକଙ୍କ ଭୟ ରହିଛି ସେମାନଙ୍କ ଭିତରେ। ରାସ୍ତା ଘାଟ, ହସ୍ପିଟାଲ ଓ ସ୍କୁଲ ନିକଟରେ ମଦ ପିଇବା ଉପରେ କଟକଣା ରହିଥିଲେ ମଧ୍ୟ କେହି ତାହାକୁ ମାନୁନାହାନ୍ତି। ରାସ୍ତା ଘାଟ ସବୁଆଡେ ମଦ ବୋତଲ ପଡି ରହିଛି। ତେବେ ଆଜି ସନ୍ଧ୍ୟାରେ ଉଭୟ ଅଫିସର ସହରର ମୁଖ୍ୟ ଛକ ଓ ମଦ ଦୋକାନ ପାଖରେ ମଦୁଆଙ୍କୁ ସାବଡ଼ କରିବାକୁ ଠିଆ ହୋଇଥିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ତେବେ ଏହି ଭଳି ଭାବରେ ପ୍ରତ୍ୟକ ଦିନ ସନ୍ଧ୍ୟାରେ ସବୁ ଛକ ଓ ମଦ ଦୋକାନ ନିକଟରେ ବୁଲିବା ସହିତ ମଦୁଆଙ୍କ ଉପରେ କଡା ନଜର ରଖାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## କର୍କଟରେ ପୀଡ଼ିତ ଅଙ୍ଗନବାଡ଼ି କର୍ମୀଙ୍କ ମୃତ୍ୟୁ



କୁଜଙ୍ଗ,୨୨।୫(ସମିସ): କୁଜଙ୍ଗ ଅଞ୍ଚଳରେ ଏବେ କର୍କଟ ରୋଗ ବ୍ୟାପିବାରେ ଲାଗିଛି। ଏହି ରୋଗ ଗୋଟିଏ ଗୋଟିଏ ପରିବାରକୁ ଛାରଖାର କରିଦେଉଛି। କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ଜନାପାଳ ସ୍ଥିତ ଅଙ୍ଗନବାଡ଼ି କର୍ମୀ ଝୁନିବାଳା ପ୍ରଧାନ (୪୨)ଙ୍କ ଦେହାନ୍ତ ହୋଇଛି। ଗତ କିଛି ଦିନ ତଳେ ତାଙ୍କ ଶାଶୁଙ୍କ ମଧ୍ୟ ଏହି ରୋଗରେ ପରଲୋକ ହୋଇଥିଲା। ଶାଶୂ, ଶଶୁର,

**କିଛି ଦିନ ପୂର୍ବରୁ ଶାଶୂଙ୍କର ମୃତ୍ୟୁ ହୋଇଥିଲା**

ଏକ ବୟସ୍କା ନଣନ୍ଦଙ୍କ ସେବା ଯତ୍ନ ସହ ତିନି ଝିଅ, ଏକ ପୁଅ ଓ ସ୍ୱାମୀ ଦିନ ମଜୁରିଆ ଉମେଶଙ୍କୁ ନେଇ ତାଙ୍କ ପରିବାର। ଝୁନି ଜଣେ ସମର୍ପିତା ଅଙ୍ଗନବାଡି କର୍ମୀ। ଶଶୁର ବନମାଳୀ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସେବା ଯତ୍ନ କରି ଶଶୁରଙ୍କୁ ହରାଇବା ପରେ ଶାଶୂ ଗୁଲୁରୀ ପ୍ରଧାନ କର୍କଟ ରୋଗର ପଡ଼ିଥିଲେ। ତାଙ୍କ ଚିକିତ୍ସା ପାଇଁ ଝୁନୀ ଓ ଦିନ ମଜୁରିଆ ସ୍ୱାମୀ ଦିନ ରାତି ଏକ କରିଥିବା ବେଳେ ସେ ନିଜେ ଭୋକ ଉପାସରେ ରହିବାରୁ ପାକସ୍ଥଳୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ପ୍ରଥମେ କଟକ, ପରେ ମୁମ୍ବାଇ ଯାଇ, ଯାହା କିଛି ସମ୍ବଳ ଥିଲା ସବୁ ସାରି ଦେଇ ମଧ୍ୟ ରୋଗ ସହ ଲଢ଼ି ଗୁରୁବାର ରାତି ଆଠଟାରେ ହାରିଗଲେ। ମୃତ୍ୟୁ ଶଯ୍ୟା ନିକଟରେ ତିନିଝିଅ ଜ୍ୟୋତ୍ସ୍ନାମୟୀ, ସ୍ନେହମୟୀ, ପ୍ରୀତିମୟୀ ଓ କୁନି ପୁଅ ଦିବ୍ୟାନୁସ ସହ ସ୍ୱାମୀ ଉମେଶ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ଜଣାପଡ଼ିବା ପରେ ସରପଞ୍ଚ ସରୋଜ କୁମାର ସେଠୀ, ସମିତିସଭ୍ୟ ପ୍ରଶାନ୍ତି ମହାନ୍ତି, ଅଙ୍ଗନବାଡି କର୍ମୀ ଶୈଳବାଳା ଦେଇ, ମନୋରମା ଦାସ, ରାଜତରଙ୍ଗିଣୀ ଚୌଧୁରୀ, ଲତିକା ମଲିକ୍ ଓ ସହାୟିକା ସସ୍ମିତାବାଳା ଦାସ ପ୍ରମୁଖଙ୍କ ସହ ଗ୍ରାମ ମୁରବି ଓ ପରିଜନ ଉପସ୍ଥିତ ଥିଲେ। ଏକମାତ୍ର ସ୍ୱଳ୍ପ ରୋଜଗାରରେ ପାଞ୍ଚ ଜଣ ପରିବାରକୁ ପ୍ରତିପୋଷଣ କରୁଥିବା ଝୁନୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବାରୁ ତାଙ୍କ ଝିଅକୁ ଜନାପାଳରେ ଅଙ୍ଗନବାଡି କର୍ମୀ ରୂପେ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ଗ୍ରାମ ପଞ୍ଚାୟତର ଆଶ୍ରମ ପାଟଣା ସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ନିହାରିକା ମୁଦୁଲି ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ପରୀକ୍ଷାରେ ୫୪୦ ମାର୍କ ରଖି କଲେଜ ଟପ୍ପର ହେବା ସହିତ ନିଜ ଯୋତ ଗ୍ରାମ ତଥା କଲେଜ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ଅବସରରେ କଲେଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରୀ ନିହାରିକା ମୁଦୁଲି ଯୋତ ଗ୍ରାମର ସନାତନ ମୁଦୁଲି ଓ ସୁକାନ୍ତି ମୁଦୁଲିଙ୍କ ସୁଯୋଗ୍ୟା କନ୍ୟା ଅଟନ୍ତି। ସେ ଭବିଷ୍ୟତରେ ରାଜନୀତି ବିଜ୍ଞାନରେ ଅଧ୍ୟାପିକା ହେବା ସହିତ ପ୍ରଶାସନିକ ସେବାରେ ଯୋଗଦାନ କରି ଲୋକମାନଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥି ସହିତ ପିଙ୍କିନା ପାତ୍ର ୪୯୫ ମାର୍କ ହାସଲ କରି ଦ୍ୱିତୀୟ ଏବଂ ପ୍ରୀତିମୟୀ ଦାସ ୪୯୨ ମାର୍କ ହାସଲ କରି କଲେଜରେ ତୃତୀୟ ହୋଇଛନ୍ତି।

## ରୟାଲ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ସହରର ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସିପି ଗ୍ରାମ ସ୍ଥିତ ରୟାଲ କିଡ୍ସ ଇଂଲିଶ ମିଡିୟମ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଡ. ସରୋଜ କୁମାର ଷଡ଼ଙ୍ଗୀ ଏବଂ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା ଯୋଗଦେଇଥବଲେ। ରୟାଲ କିଡ୍ସ ଇଂଲିଶ ମିଡିୟମ ସ୍କୁଲର ନିର୍ଦ୍ଦେଶକ ରମାକାନ୍ତ ଦାଶ ଏବଂ ଅଧ୍ୟକ୍ଷା ଅନିତା ଦାଶ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବୀଣାପାଣି ଆଚାର୍ଯ୍ୟ, ମନୋରମା ରାଉତ, ସୌମ୍ୟଶ୍ରୀ ପଟ୍ଟନାୟକ, ଦମୟନ୍ତି ଜେନା, ମଧୁସ୍ମିତା ପଣ୍ଡା, ଲକ୍ଷ୍ମୀପ୍ରିୟା ସାହୁ, ଇତିଶ୍ରୀ ମହାନ୍ତି ଏବଂ ଆୟା ଛବିଲତା ବେହେରା ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ପଳାଷୋଳ ମଣ୍ଡଳର ମହିଳା ଜନ ଆକ୍ରୋସ ଶୋଭାଯାତ୍ରା

ଜଗତସିଂହପୁର,୨୨।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ଛକ ଠାରୁ ଚାରିପୋଲିଆ ପର୍ଯ୍ୟନ୍ତ ପଳାଷୋଳ ମଣ୍ଡଳର ମହିଳା ଜନ ଆକ୍ରୋଶ ପଦଯାତ୍ରା ମଣ୍ଡଳ ସଭାପତି ତ୍ରିଲୋକନାଥ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କ୍ରିଷ୍ଣା ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ କଳ୍ପନା ମହାନ୍ତି ସର୍ଜନସିଂହ, ଜଗତସିଂହପୁର ନଗର ମଣ୍ଡଳ ସଭାପତି ତଥା ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଏବଂ ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳୀକିଙ୍କର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଉପ ସଭାପତି କମଳାକାନ୍ତ ସାହୁ, ବିଜୟ କୁମାର ସ୍ୱାଇଁ, ଦେବେନ୍ଦ୍ରନାଥ ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ମହିଳା ମଣ୍ଡଳ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ମମତା ରାଣୀ ବେହେରା, ଶୋଭାବତୀ ମାଟି, ସବିତା ଗୋଛାୟତ ପ୍ରମୁଖଙ୍କ ସହ ଶତାଧିକ ମହିଳା, ମା' ଓ ଭଉଣୀ ଏଥିରେ ସାମିଲ ହୋଇଥିଲେ। ଶେଷରେ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘର ସମ୍ପାଦକ ହେଲେ ସୁନାକାର



କୁଜଙ୍ଗ,୨୨।୫(ସମିସ): ଜଗତସିଂହପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଡ. ସୁନାକର ବେହେରାଙ୍କୁ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ପୂର୍ବପ୍ରାନ୍ତୀୟ ସମ୍ପାଦକ ରୂପେ ମନୋନୀତ କରାଯାଇଛି। ଡ. ବେହେରା ପୂର୍ବରୁ ଓଡ଼ିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସଭାପତି ଦାୟିତ୍ୱରେ ଦୀର୍ଘ ନଅ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଆଜି ଓଡ଼ିଶା ସାମ୍ବାଦିକ ସଂଘ ଦ୍ୱାରା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ସତ୍ୟନଗର ପୂର୍ତ୍ତ ବିଭାଗ ସରକାରୀ ଡାକବଙ୍ଗଳା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ସାମ୍ବାଦିକମାନଙ୍କ ସର୍ବସମ୍ମତି କ୍ରମେ ଡ. ବେହେରାଙ୍କୁ ରାଜ୍ୟର ପୂର୍ବ ପ୍ରାନ୍ତୀୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଉକ୍ତ ବୈଠକରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶୀଭୁଷଣ ପ୍ରହରାଜ, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଏରସମାରେ ବିଜେଡିର ମହିଳା ସମାବେଶ



ଏରସମା,୨୨।୫(ସମିସ): ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତାଦଳର ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ଏରସମା ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଏରସମା ତହସିଲ କାର୍ଯ୍ୟାଳୟ ପଡ଼ିଆରେ ଆୟୋଜିତ ସମାବେଶରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମବେତ ମହିଳାମାନଙ୍କୁ ସମ୍ବୋଧିତ କରିଥିଲେ। ବିଜୁବାବୁ ଓ ନବୀନବାବୁ ନାରୀ ମାନଙ୍କୁ ଯେଉଁ ଅଧିକାର ଓ କ୍ଷମତା ଦେଇଥିଲେ, ବର୍ତ୍ତମାନର ବିଜେପି ସରକାର ସେ' ଅଧିକାର ଓ କ୍ଷମତାକୁ କ୍ଷୁଣ୍ଣ କରୁଛନ୍ତି। ମହିଳା ସଂରକ୍ଷଣ ବିଲ୍ ବିଗତ ଦିନରେ ପାସ୍ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରି ନକରି, ମହିଳାମାନଙ୍କୁ ଭୁଆଁ ବୁଲେଇ ଚାଲିଥିବା ବିଜେପି ସରକାରକୁ ଆଗାମୀ ଦିନରେ ଫୋପାଡି ଦେବା ପାଇଁ ଉପସ୍ଥିତ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ଲୋରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ ବାଲିକୁଦା ବ୍ଲକ ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ଜୟଶ୍ରୀ ଦର୍ପଦଳନୀ ମଲ୍ଲିକ, ଏରସମା ବ୍ଲକ୍ ସଭାନେତ୍ରୀ ପୁଷ୍ପାଞ୍ଜଳି ବେଉରା, ଜିଲ୍ଲା ପରିଷଦ ସଭ୍ୟା ରାଣୀ ଟୁଡୁ, ରୁନି ଲତା ବେହେରା, ଡଲି ପଣ୍ଡା, ମିନତୀ ବେହେରା, ପ୍ରଦାୟନୀ ମହାନ୍ତି, ତଟିନା ସ୍ୱାଇଁ, ବବିତା ସ୍ୱାଇଁ, ଜ୍ୟୋତ୍ସ୍ନା ପରିଡା, ଏରସମା ବ୍ଲକ୍ ବିଜେଡି ସଭାପତି ପିତବାସ ଗୋଛାୟତ, ବାଲିକୁଦା ବ୍ଲକ ସଭାପତି ରତ୍ନାକର ନାୟକ ପ୍ରମୁଖ ଯୋଗଦେଇ ପ୍ରତିବାଦ କରିବା ସହିତ ଦିପ୍ତୀରଞ୍ଜନ କୁଁଅର, ନିଶାକାର ରାଉତ, ଦୀନବନ୍ଧୁ ନାୟକ ବହୁ ସକ୍ରିୟ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣପ୍ରଭା ସେନାପତି ଧନ୍ୟବାଦ ଦେଇଥିଲେ।

## ପୂଜ୍ୟପୂଜା ସଂସଦର ବାର୍ଷିକୀ ଉତ୍ସବ



ଜଗତସିଂହପୁର/ଏରସମା,୨୨।୫(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ପଞ୍ଚପଲ୍ଲୀସ୍ଥିତ ପୂଜ୍ୟପୂଜା ସଂସଦର ୫ମ ବାର୍ଷିକୀ ଉତ୍ସବ ଗ୍ରାମେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା ଦେବୀ ମେମୋରିଆଲ ଟ୍ରଷ୍ଟ, ମଧୁସୂଦନ ଭୋଳ ସ୍ମୃତି ପରିଷଦ, ଦିବାକର ମିଶ୍ର ଫାଉଣ୍ଡେସନ ଏବଂ ମାଧବାନନ୍ଦ ବିଶ୍ୱାଳ ସ୍ମୃତି ପରିଷଦର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ସ୍ଥାୟୀ ସଭାପତି ଶୁଭନାରାୟନ ନାୟକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଧ୍ରୁବଚରଣ ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ପୂଜ୍ୟପୂଜା ସଂସଦ ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମ ଆମର ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାରେ ସହାୟତା କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏଥିସହିତ ସ୍ଥାନୀୟ ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିକୁ ଆଗକୁ ବଢ଼ିବାରେ ସହଯୋଗ କରିବ ବୋଲି ସେ ପ୍ରକାଶ କରିଥିଲେ। ସେହିଭଳି ବରେଣ୍ୟ ଅତିଥି ଭାବରେ ଏରସମା ବିଡିଓ ଦାଶରଥି ଜେନା ଯୋଗଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପୂଜ୍ୟପୂଜା ସାମିଲ ହୋଇ ରହିଆସିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ ଶତପଥୀ, ବରିଷ୍ଠ ନାଗରିକ ମଞ୍ଚ ପୋଖରିଆପଡା ସଭାପତି ପ୍ରଭାକର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସିମାଇଁ ଭୋଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଜେନା, ନିମାଇଁ ମଲ୍ଲିକ, ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପୂଜ୍ୟପୂଜା ସଂସଦର ବରିଷ୍ଠ ସଭ୍ୟ କ୍ଷେତ୍ରମୋହନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶିଶିର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ସ୍ମୃତିରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ବ୍ଲକ ଟପ୍ପର ଅଞ୍ଜଳା ପ୍ରିୟଦର୍ଶିନୀ, ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ପ୍ରିୟରଞ୍ଜନ ଦାସ, ଆଦ୍ୟାଶା ସାହୁ, ଶ୍ରୀଶାନ୍ତ ଶେଖର, ଶୁଭ୍ରାଂଶୁ ବିଶ୍ୱାଳ, ବିଶ୍ୱରୂପା ଦାସ, ରୁଦ୍ର ସ୍ୱାଇଁ ଏବଂ ଆଶୁତୋଷ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏରସମା ବିଡିଓ ଦାଶରଥି ଜେନାଙ୍କୁ ଶ୍ରେଷ୍ଠ ପ୍ରଶାସକ, ନିମାଇଁ ମଲ୍ଲିକଙ୍କୁ ଶିକ୍ଷାବିତ୍ ରୂପେ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଶିବାନନ୍ଦ ମିଶ୍ର, ପ୍ରଶାନ୍ତ ମହାପତ୍ର, ସୁବୋଧ ମହାପାତ୍ର, ପ୍ରଭାତ ରାମ, ସୁରେନ୍ଦ୍ର ସାମଲ, ବଟକୃଷ୍ଣ ପାଳ ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ପାରାଦୀପ,୨୨।୫(ସମିସ): ଆଜି ପାରାଦୀପ ବିଜୁ କନଭେନସନରେ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬' ଅନ୍ତର୍ଗତ ଦୁଇ ଦିବସୀୟ "ଜିଲ୍ଲା ପ୍ରଶିକ୍ଷଣ ବର୍ଗ'ର ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି ସମାରୋହକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ବିଜେପି ଉପସଭାପତି ଡ. ଯତୀନ ମହାନ୍ତି, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଜେପି ନେତା ସତ୍ୟସାରଥୀ ମହାନ୍ତି ଏବଂ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରର ଦଳୀୟ ନେତା ରାଜକିଶୋର ବେହେରାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଆଗାମୀ ଦିନରେ 'ସମୃଦ୍ଧ ଓଡିଶା' ଗଠନ ସହ 'ବିକଶିତ ଭାରତ'ରେ 'ବିକଶିତ ଓଡ଼ିଶା'ର ଯୋଗଦାନକୁ ସୁନିଶ୍ଚିତ କରିବା ସମସ୍ତ ନେତୃତ୍ୱଙ୍କର ସଂକଳ୍ପ ସଂପର୍କରେ ଆଲୋଚନା ହୋଇଥିଲା।

# ସିଦ୍ଧବଳ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୨୨।୫(ସମିସ)



ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଶ୍ରୀଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେ ସିଦ୍ଧବଳଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ, ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଏବଂ ଉତ୍ସାହର ସହ ପାଳନ କରାଯିବ। ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାର୍ଯ୍ୟର ତଦାରଖ ନିମନ୍ତେ ରଥଯାତ୍ରା ସ୍ଥାନକୁ ଯାଇ ସେଠାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ଦିର ପରିଚାଳନା କମିଟି ଓ ବନାଞ୍ଚଳ ଅଧିକାରୀ ଦୃଷ୍ଟି ଦେବେ। ବନାଞ୍ଚଳ ଅଧିକାରୀ ରଥ ନିର୍ମାଣ ପାଇଁ କାଠ ଯୋଗାଇବେ। ମନ୍ଦିର ପୁଷ୍କରିଣୀର ଚତୁଃପାଶ୍ୱର୍ ସଫା ଓ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲାପାଳ ଶ୍ରୀ ସୋନାଲ, ଉପ ଜିଲ୍ଲାପାଳ ଓ ବିଡିଓଙ୍କୁ ଦାୟିତ୍ୱ ଦେଇଥିଲେ। ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦଙ୍କ ତତ୍ତ୍ୱାବଧାନରେ ଉପଜିଲ୍ଲାପାଳ ଓ ବିଡିଓଙ୍କୁ ଜିଲ୍ଲାପାଳ ଅସ୍ଥାୟୀ ଗ୍ରୀନରୁମ ନିର୍ମାଣ ପାଇଁ ଦାୟିତ୍ୱ ଦେଇଥିଲେ ଏବଂ ବୈଠକରେ ରଥ ନିର୍ମାଣ, ସିଦ୍ଧବଳରୁ ପୁରୋହିତପୁର, ସିଦ୍ଧବଳରୁ ଛେଳିଆଗଡ଼, ସିଦ୍ଧବଳରୁ ଡିହସାହି ରାସ୍ତା ମରାମତି, ବଡଦାଣ୍ଡର ଉଭୟ ପାଶ୍ୱର୍ରେ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ଅଳିଆ ଆବର୍ଜ୍ଜନା ଓ ଚତୁଃପାଶ୍ୱର୍ ପରିଷ୍କାର ପରିଚ୍ଛନ୍ନତା, ସାତଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନ୍ ଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଭାଗୀୟ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବଳଦେବଜିଉ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ସଦସ୍ୟ କାଳୀକିଙ୍କର ଆଚାର୍ଯ୍ୟ, ପ୍ରିୟନାଥ ରାୟ, ରାମଚନ୍ଦ୍ର ଦାସ ଓ ମୁଦ୍ରପୁରର ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଏହି ଉତ୍ସବର ସଫଳତା ପାଇଁ ଉପ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ସୋଗରରେ ଯୁବକଙ୍କୁ ହତ୍ୟା ଘଟଣା: ୪ ଗିରଫ



କାମାକ୍ଷାନଗର, ୨୨।୫(ସମିସ): ଗତ ୨୦ ତାରିଖ ଦିନ ତୁମୁସିଙ୍ଗା ଥାନା ସୋଗର ଗ୍ରାମରେ ନରୋତ୍ତମ ମହାରଣା ନାମକ ଯୁବକଙ୍କ ମୃତଦେହ ଘର ନିକଟରେ ଠାବ ହୋଇଥିଲା। ଯୁବକ ଜଣଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ତୁମୁସିଙ୍ଗା ଥାନାରେ ମାମଲା ହୋଇଥିଲା। ତେବେ ହତ୍ୟାକାଣ୍ଡର ୨ଦିନ ମଧ୍ୟରେ ଏହା ଉପରୁ ପରଦା ହଟିଛି। ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ତୁମୁସିଙ୍ଗା ପୁଲିସ। ପରକିୟା ପ୍ରୀତିକୁ ନେଇ ନରୋତ୍ତମଙ୍କୁ ହତ୍ୟା କରାଯାଇଥିବା ସୂଚନା ଦେଇଛନ୍ତି ତୁମୁସିଙ୍ଗା ଥାନା ଅଧିକାରିଣୀ। ଅଭିଯୁକ୍ତମାନେ ଗୋଟିଏ ପରିବାରର ହୋଇଥିବା ବେଳେ ସମ୍ପୃକ୍ତ ମହିଳା, ତାଙ୍କ ସ୍ୱାମୀ ଓ ଦୁଇ ଦିଅରଙ୍କୁ କୋର୍ଟଚାଲାଣ କରିଛି ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସୋଗର ଗ୍ରାମର ସବିତା ବାରିକ, ତାଙ୍କ ସ୍ୱାମୀ ଅନିରୁଦ୍ଧ ବାରିକ ଓ ଦୁଇ ଦିଅର ଅକ୍ଷୟ ବାରିକ ଓ ଅଭିରାମ ବାରିକ। ନରୋତ୍ତମଙ୍କ ସମ୍ପୃକ୍ତ ମହିଳାଙ୍କ ସହିତ ୪ବର୍ଷ ଧରି ସମ୍ପର୍କ ଥିବା ପୁଲିସ ସୂଚନା ଦେଇଥିବା ବେଳେ ପରକୀୟା ପ୍ରୀତିକୁ ନେଇ ଏଭଳି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି।

## ମା’ ଛେଉଣ୍ଡ ନାବାଳିକା ଦେହରେ ଚା’ ଢାଳିଦେଲେ ପଡ଼ୋଶୀ

ଭୁବନ, ୨୨।୫(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳର ଜଣେ ମା’ ଛେଉଣ୍ଡ ନାବାଳିକା ଉପରେ ଚା’ ଢାଳି ଦେଇଛନ୍ତି ପଡ଼ୋଶୀ। ମା’ ଛେଉଣ୍ଡ ନାବାଳିକା ଝିଅଟିଏ ଖାଇବାକୁ ମାଗିବାରୁ ଗରମ ଚା’ ଢାଳିଦେଇଥିଲେ ପଡୋଶୀ ମହିଳା। ପିଲାମାନେ ଦିନେ ଖାଇଲେ ଦିନେ ଉପାସ ରହୁଥିଲେ। ତେବେ ପିଲାଟି ସକାଳୁ ଭୋକ ସମ୍ଭାଳି ନ ପାରି ନିଜ ପଡ଼ୋଶୀଙ୍କୁ କିଛି ଖାଇବାକୁ ମାଗିଥିଲେ। ଏହି କଥାରେ ରାଗିଯାଇ ମହିଳା ପିଉଥିବା ଗରମ ଚା’କୁ ନାବାଳିକା ଉପରକୁ ଫିଙ୍ଗି ଦେଇଥିଲେ। ଏହି ଘଟଣାକୁ କେହି ଜଣେ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିବାରୁ ସେମାନଙ୍କୁ ଉଦ୍ଧାର କରାଯାଇ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି।

## ଇଲେଇଜଙ୍ଗ ଗ୍ରାମରେ କ୍ଷେତ୍ର ଦିବସ

ଗଁଦିଆ, ୨୨।୫(ସମିସ): ଗଁଦିଆ ବ୍ଲକ ଇଲେଇଜଙ୍ଗ ଗ୍ରାମରେ ଆଜି ଏକ କୃଷି ‘କ୍ଷେତ୍ର ଦିବସ’ କାର୍ଯ୍ୟକ୍ରମ ବ୍ୟାପକ ଭାବେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସୌଜନ୍ୟରୁ ଏବଂ ଗଁଦିଆ ବ୍ଲକ କୃଷି ଅଧିକାରୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ରବି ୨୦୨୫-୨୬ ବର୍ଷ ପାଇଁ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ବ୍ୟାପକ ପରିଚାଳନା ଏବଂ ଡାଲିଜାତୀୟ ଫସଲ ବିଶେଷ କରି ମୁଗ ଚାଷର ଅଭିବୃଦ୍ଧି ନିମନ୍ତେ ଏହି ସଚେତନତା ଶିବିରର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ପ୍ରଗତିଶୀଳ ଚାଷୀ ଯୋଗ ଦେଇଥିଲେ। ଏହି ସମାବେଶରେ ସହକାରୀ କୃଷି ଅଧିକାରୀ ମିନତି ନାୟକ, ଭିଏଲଡବ୍ଲ୍ୟୁ ମାମିନା ସ୍ୱାଇଁ, କୃଷକ ସାଥୀ ଶ୍ରୀବତ୍ସ କୁମାର ସାହୁ, ଅଜୟ ସାହୁ ଏବଂ ସ୍ଥାନୀୟ ଜନସେବା କର୍ମୀ ବେତୁଜୀ ପ୍ରସାଦ ବେହେରା ଉପସ୍ଥିତ ରହି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସହକାରୀ କୃଷି ଅଧିକାରୀ ଶ୍ରୀମତୀ ନାୟକ ଚାଷୀ ଭାଇମାନଙ୍କୁ ବିଧିବଦ୍ଧ ଓ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ସହ ଜମିର ସୁରକ୍ଷା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିସହିତ ଚାଷୀମାନଙ୍କ ଦ୍ୱାରା ପଚରାଯାଇଥିବା ବିଭିନ୍ନ କୃଷି ଭିତ୍ତିକ ପ୍ରଶ୍ନର ସରଳ ସମାଧାନ କରିବା ସହ ମାଟିର ଉର୍ବରତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

## ଆମେଚର ତାଏକ୍ୱେଣ୍ଡୋ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର




ଢେଙ୍କାନାଳ, ୨୨।୫(ସମିସ): ଅଗ୍ରଣୀ ସମରକଳା ଅନୁଷ୍ଠାନ ଆମେଚର ତାଏକ୍ୱେଣ୍ଡୋ ଆସୋସିଏସନ ଓ ଗୁରୁଦେବଜୀ ଫାଉଣ୍ଡେସନର ସହଯୋଗରେ ଗୁରୁଦେବଜୀ ଗୁରୁକୁଳ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଥିବା ପ୍ରଶିକ୍ଷଣ କେନ୍ଦ୍ର ଠାରେ ୭ ଦିନିଆ ନିଶୁଳ୍କ ଗ୍ରୀଷ୍ମକାଳୀନ ଶିବିର ଓ ମହିଳା ଆତ୍ମରକ୍ଷା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଶିବିରକୁ ଅତିଥି ଭାବରେ ବରିଷ୍ଠ ଯୋଗଗୁରୁ ପ୍ରଳୟ କୁମାର ଦାସ ଉଦଘାଟନ କରିବା ସହିତ ଉପସ୍ଥିତ ଶିକ୍ଷାର୍ଥୀ ମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଶତପଥୀ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କ୍ୟାମ୍ପର କାର୍ଯ୍ୟକ୍ରମ ବିଷୟରେ ଜଣାଇଥିଲେ। ଏଥିରେ ସମସ୍ତ ଏକ୍ସପର୍ଟ କୋଚ୍ ଓ ପ୍ରଶିକ୍ଷକମାନେ ଉପସ୍ଥିତ ରହି ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଅଭିଭାବକମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରକାଶ କରିବା ସହିତ ଯୋଗଦେଇଥିବା ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଶେଷରେ ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଏହି ଶିବିରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଶିବିରରେ ୪୧ ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ କରିଥିବା ବେଳେ ଶିବିରଟି ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କୃତିତ୍ୱ ହାସଲ କରିବା ଛାତ୍ରଛାତ୍ରୀମାନଙ୍କୁ ଶେଷରେ ପୁରସ୍କୃତ କରାଯିବ।

**ମେସିନ ସାହାଯ୍ୟରେ ଉଠୁଛି ବାଲି**

# ଶୂନ୍ୟହେବ କି ପୁଣ୍ୟତୋୟା ବ୍ରାହ୍ମଣୀ ବାଲିଶଯ୍ୟା





ଢେଙ୍କାନାଳ, ୨୨।୫(ସମିସ)

- ବନ୍ଧୁକ ମୁନରେ ହେଉଛି ଚାଲାଣ
- ୨ଶହ ଟ୍ରିପ ବାଲି ଜବତ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ତଥା ବିଭିନ୍ନ ଥାନା ଅଞ୍ଚଳରେ ବ୍ରାହ୍ମଣୀ ନଦୀରୁ ବାଲି ଉତ୍ତୋଳନ ସହିତ ଗଚ୍ଛିତ ରଖିବାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଅତ୍ୟାଧୁନିକ ମେସିନ ସାହାଯ୍ୟରେ ନଦୀ ଗର୍ଭରୁ ବାଲି ଉଠାଇ ରାତାରାତି ହାଇୱା, ଟିପ୍ପରରେ ହେଉଛି ଚାଲାଣ। ମାଫିଆମାନେ ବନ୍ଧୁକ ମୁନରେ ଗ୍ରାମବାସୀଙ୍କୁ ଭୟଭୀତ କରାଇ ବାଲି ଚାଲାଣ କରୁଛନ୍ତି।

କଣ୍ଟାବଣିଆ ଥାନାଧିକାରୀ ନିରୋଧ କୁମାର ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଏବଂ ବିଭିନ୍ନ ତଥ୍ୟକୁ ଆଧାର କରି ବ୍ରାହ୍ମଣୀ ନଦୀରେ କେତେକ ବାଲି ମାଫିଆ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିବା ସହିତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯିବା ନେଇ ତହସିଲଦାର ଗତ ୨୦ ତାରିଖରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ୪ଜଣ ମାଫିଆ ମିଳିତ ଭାବରେ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବରେ ବାଲି ଉଠାଇବା ସହିତ ବିଭିନ୍ନ ସ୍ଥାନକୁ ଚାଲାଣ କରିଥାନ୍ତି। ମାନପୁର, ମଙ୍ଗଳପୁର ପଞ୍ଚାୟତ ଅଞ୍ଚଳରୁ ବାଲି ଉଠାଇବା ସହିତ ଦଳବଦ୍ଧ ଭାବରେ ଏକ ଗୋଷ୍ଠୀ ଗଠନ କରି ବେଆଇନ ଭାବରେ ବାଲି ଉତ୍ତୋଳନ କରୁଛନ୍ତି। ଜେସିବି, ପୋକଲିନ ମେସିନ ଦ୍ୱାରା ବାଲି ଉଠାଇ ହାଇୱା ଟିପ୍ପର, ଟ୍ରାକ୍ଟରରେ ଚାଲାଣ କରିଥାନ୍ତି। ବିଭାଗୀୟ ଅଧିକାରୀଙ୍କ ଠାରୁ କୌଣସି ଅନୁମତି ନନେଇ ବେଆଇନ ଭାବରେ ସରକାରଙ୍କ ରାଜସ୍ୱ ହାନୀ କରାଇବା ସହିତ ପରିବେଶ ନଷ୍ଟ କରୁଛନ୍ତି। ବିଭିନ୍ନ ସ୍ଥାନରେ ଥିବା ବାଲିଘାଟକୁ ବଳପୂର୍ବକ ଦଖଲ କରି ବାଲି ଉଠାଇବା ସହିତ ବିପୁଳ ପରିମାଣର ଟଙ୍କା ଆଦାୟ କରିଥାନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଇବା ସହିତ ଧମକ ଚମକ ଦେବା, ବିଭିନ୍ନ ଅପରାଧିକ ମାମଲା ଘଟଇବା ଭଳି ଅନେକ ନଜିର ରହିଛି। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବାର ଜଣାପଡ଼ିଛି। ଏହାକୁ ନେଇ ଥାନାରେ ଅଭିଯୋଗ କରାଯାଇଛି। ଏହି ମାମଲାକୁ ଏଏସଆଇ ଆର ଗଡ଼ନାୟକଙ୍କୁ ତଦନ୍ତ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

କେବଳ ସେତିକି ନୁହେଁ ବ୍ରାହ୍ମଣୀ ନଦୀ ବାଲି ମାଫିଆଙ୍କ ପାଇଁ ଭୂସର୍ଗ ପାଲଟିଛି। ଫଳରେ କଣ୍ଟାବଣିଆ ଥାନା ଠାରୁ ଭୁବନ ପର୍ଯ୍ୟନ୍ତ ଶହ ଶହ ବେଆଇନ ବାଲିଘାଟ ଖୋଲା ଯାଇ ଦିନରାତି ବାଲି ଚାଲାଣ ହେଉଛି। ସେହିପରି ଓଡ଼ାପଡ଼ା ତହସିଲ ଅଞ୍ଚଳରେ ବାଲି ମାଫିଆମାନେ ରାତିରେ ଶହ ଶହ ଟ୍ରିପ ବାଲି ଚାଲାଣ କରୁଛନ୍ତି। ମଙ୍ଗଳପୁର, ମାନପୁର, କମଳାଙ୍ଗ, ବିଡୋ, ନାଧରା, ପୋଡାପଡ଼ା, ଗୁଣଦେଇ, ମହାଦିଆ, ରସାସିଂହ, ସଦାଶିବପୁର, ବଉଳପୁର ସହିତ ସଦର ତହସିଲ ବାରଦା, ଗେଙ୍ଗୁଟିଆ, ଅଞ୍ଚଳରେ ମଧ୍ୟ ବାଲି ଚାଲାଣ କରାଯାଉଛି। ନଦୀର ଉଭୟ ପାର୍ଶ୍ୱରେ ବ୍ରାହ୍ମଣୀ ନଦୀ ବାଲିକୁ ଲୁଟ କରାଯାଉଛି। ଗାଁ ନିକଟରେ ଅନେକ ଘାଟ ରହିଥିବା ବେଳେ ଘାଟକୁ ସରକାରୀ ରାସ୍ତା ନାହିଁ। ମାଫିଆମାନେ ଗ୍ରାମବାସୀଙ୍କୁ ଧମକ ଚମକ ଦେଇ ଗ୍ରାମ ରାସ୍ତାରେ ବାଲି ଉଠାଉଥିବାର ଜଣାପଡ଼ିଛି। ମୋଟଙ୍ଗା ଥାନା ଅଞ୍ଚଳରେ ୮ଟି ବେଆଇନ ବାଲି ଘାଟ ଥିବା ବେଳେ ନାମହୀନ ବାଲି ଘାଟ ରହିଛି। ବାଲି ଉଠାଇ ଗଚ୍ଛିତ ରଖିବା ପରେ ବର୍ଷା ଦିନରେ ତାକୁ ଚଢ଼ା ଦରରେ ବିକ୍ରୀ କରାଯାଇ ମାଫିଆମାନେ ମାଲେମାଲ ହେଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ବିଡୋ ଗ୍ରାମ ନିକଟରେ ପ୍ରାୟ ୨ଶହ ଟ୍ରିପ ବାଲି ଜବତ କରାଯାଇଛି। ଯେଉଁ ଜମିରେ ବାଲି ରହିଛି ତାହାର ମାଲିକ ମାନଙ୍କ ନାମରେ ମାମଲା ରୁଜୁ ହେବ ବୋଲି ଖଣି ବିଭାଗ ତରଫରୁ ଜଣାପଡ଼ିଛି। ଦୈନିକ ରାତି ହେଲେ ଶହ ଶହ ହାଇୱା, ଟିପ୍ପର, ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି। ପୁଲିସ ପାଟ୍ରୋଲିଂ କରୁଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି। ବିଭିନ୍ନ ଖୋଲା ସ୍ଥାନ, ପଡ଼ିଆ, ଜଙ୍ଗଲ ନିକଟରେ ବାଲି ଗଦା କରାଯାଇ ଗଚ୍ଛିତ ରଖାଯାଇଛି। ବ୍ରାହ୍ମଣୀ ନଦୀ ବାଲି ଏବେ ମାଫିଆଙ୍କ ପାଇଁ ପୁଷ ମାସ ପାଲଟିଛି।

## ଆଞ୍ଚଳିକ ଆଶ୍ରମ ସ୍କୁଲକୁ ସ୍ୱୀକୃତି ପାଇଁ ଧାରଣା



ଢେଙ୍କାନାଳ, ୨୨।୫(ସମିସ): ସ୍ଥାନୀୟ ଆଞ୍ଚଳିକ ଆଶ୍ରମ ସ୍କୁଲ୍ ଗୋଡିପୋଖରୀକୁ ପ୍ରାପ୍ୟ ସ୍ୱୀକୃତି ଏବଂ ଏହାର ଶିକ୍ଷକ ଶିକ୍ଷୟିତ୍ରୀ ଓ ସହଯୋଗୀମାନଙ୍କୁ ଜେଡିଏ ଆର୍ଥିକ ସହାୟତା ଓ ନିଯୁକ୍ତିରୁ ଅସାମ୍ବିଧାନିକ ଭାବେ କୁତ୍ସିତ ଷଡ଼ଯନ୍ତ୍ରରେ ବଞ୍ଚିତ କରାଯାଇଥିବାକୁ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହଯୋଗୀମାନେ ଏକ ଧାରଣାରେ ବସି ପ୍ରତିବାଦ କରିଥିଲେ।

ସୂଚନାଯୋଗ୍ୟ ସ୍ୱାଧୀନତା ପ୍ରାପ୍ତି ଅର୍ଦ୍ଧଶତାବ୍ଦି ୧୯୯୭ ମସିହାରୁ ଅଦ୍ୟାବଧି ସଂଗ୍ରାମ ଜାରି ରଖି ଜିଲ୍ଲାରେ ଅବହେଳିତ ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟଙ୍କ ନାଯ୍ୟ ସାମ୍ବିଧାନିକ ଅଧିକାର ‘ଜୁଆଙ୍ଗ ଉନ୍ନୟନ ସଂସ୍ଥା’ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକର୍ମୀମାନେ ଗଠନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ‘ଜୁଆଙ୍ଗ ଉନ୍ନୟନ ଯୋଜନା’ ପାଣ୍ଠି ମଞ୍ଜୁର କରି ଅନୁମୋଦିତ ଆବାସିକ ବିଦ୍ୟାଳୟ ନିମନ୍ତେ ପତ୍ର ସଂଖ୍ୟା ୨୪୫୫, ତା୧୧।୮।୨୦୧୯ ରିଖରେ ଆଞ୍ଚଳିକ ଆଶ୍ରମ ସ୍କୁଲ୍, ଗୋଡିପୋଖରୀକୁ ସ୍ୱୀକୃତି ପ୍ରଦାନ ଏବଂ ଶିକ୍ଷକଶିକ୍ଷୟିତ୍ରୀ ଓ ସହଯୋଗମାନଙ୍କୁ ରାଜ୍ୟପାଳଙ୍କ ନିର୍ଦ୍ଦେଶଗତ ଜେଡିଏ ଆର୍ଠିଥକ ସହାୟତା ଓ ନିଯୁକ୍ତି ପତ୍ର ସଂଖ୍ୟା ୭୧୪, ତା.୫।୪।୨୦୨୩ରେ ଦେବା ପରିବର୍ତ୍ତେ ପ୍ରଶାସନ ଅସାମ୍ବିଧାନିକ ଭାବେ କୁତ୍ସିତ ଷଡ଼ଯନ୍ତ୍ର କରି ଏହାକୁ ବଞ୍ଚିତ କରିଆସୁଛନ୍ତି। ଶିକ୍ଷାନୁଷ୍ଠାନଟି ସାମ୍ବିଧାନିକ ଯୁଗ୍ମ ତଦନ୍ତ ହୋଇଥିଲେ ମଧ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ ନନ୍ ଫିଜିବୁଲ୍ ଓ ନନ୍ ଏକ୍‌ଜିଟିଙ୍ଗ ଦର୍ଶାଇ କପୋଳକଳ୍ପିତ ଭାବେ ମିଥ୍ୟା ବିବରଣୀ ଦେଇ ଯୁଗ୍ମ ନିର୍ଦ୍ଦେଶକଙ୍କ ଗୋଚରକୁ ପ୍ରଦାନ କରିଥିଲେ। ସେଥିପାଇଁ ପ୍ରାପ୍ୟ ସ୍ୱୀକୃତି ମିଳୁନାହିଁ। ଏହି ସମସ୍ୟାର ସୁବିଚାର ପାଇଁ ଜନସାଧାରଣଙ୍କ ନିକଟରେ ଏକ ଧାରଣାରେ ବସି ପ୍ରତିବାଦ କରିଥିଲେ।

## ଅଂଶୁଘାତରେ ରାଜସ୍ୱ ନିରୀକ୍ଷକଙ୍କ ମୃତ୍ୟୁ ସନ୍ଦେହ



ଭୁବନ, ୨୨।୫(ସମିସ): ଗଁଦିଆ ତହସିଲ ଅନ୍ତର୍ଗତ ବାଇଁଶିଆ ରାଜସ୍ୱ ନିରୀକ୍ଷକ ଚୈତନ୍ୟ ଦେହୁରୀ ୩୫ଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। କଙ୍କଡାହାଡ଼ ବ୍ଲକ ମରୁଆବିଲ ଗ୍ରାମର ଚୈତନ୍ୟ ପୂର୍ବରୁ ଭୁବନ ତହସିଲରେ ଅମିନ ଭାବେ କାର୍ଯ୍ୟ କରୁଥିଲେ। ଏକ ବର୍ଷ ପୂର୍ବରୁ ତାଙ୍କର ପଦୋନ୍ନତି ହୋଇ ଗଁଦିଆ ତହସିଲ ଅନ୍ତର୍ଗତ ବାଇଁଶିଆ ରାଜସ୍ୱ ନିରୀକ୍ଷକ ଭାବେ ଯୋଗ ଦେଇଥିଲେ। ତେବେ ସେ ଭୁବନରେ ୱାର୍ଡ ନଂ.୫ରେ ସ୍ତ୍ରୀ ପ୍ରମୋଦିନୀ ଦେହୁରୀ ଓ ୭ ବର୍ଷର ଝିଅ ସହ ଘର ଭଡ଼ା ନେଇ ରହୁଥିଲେ। ଗ୍ରୀଷ୍ମ ପ୍ରଭାବ ଓ କାର୍ଯ୍ୟଭାର ଯୋଗୁଁ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ୨ରୁ ୩ଦିନ ହେଲା ସେ ତହସିଲଦାରଙ୍କୁ ଛୁଟି ପାଇଁ କହୁଥିଲେ ବି ଛୁଟି ନଦେବାରୁ ଗତକାଲି କାମାକ୍ଷାନଗର ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରୁ ଗୁରୁବାର ସନ୍ଧ୍ୟାରେ ଫେରିଥିଲେ। ମାତ୍ର ମଧ୍ୟ ରାତ୍ରିରେ ଦେହହାତ ଜଳି ଯାଉଥିବା କହିବାରୁ ତାଙ୍କୁ ତୁରନ୍ତ ଭୁବନ ଡାକ୍ତରଖାନାକୁ ଆଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ରାଜସ୍ୱ ବିଭାଗ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଭୁବନ ଡାକ୍ତରଖାନାରେ ପୁଲିସ ସହାୟତାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡାକ୍ତରଖାନା ପରିସରରେ ଚୈତନ୍ୟଙ୍କ ଛୋଟ ଝିଅ ଟିର ‘ବୋଉ ବୋଉ ବାପାଙ୍କର କିଛି ହୋଇନି ସେ ଭଲ ହୋଇଯିବେ’ ଭଳି କୋହଭରା କଥା ହୃଦୟ ବିଦାରକ ଥିଲା।

**କକ୍ରୋଚ୍ ଜନତା ପାର୍ଟି ସନ୍ଦର୍ଭରେ ଆଲୋଚନା**

## ଏକାଠି ହେଉଛନ୍ତି ‘ଜେନ୍-ଜି’; ପରିବର୍ତ୍ତନର ଆଭାସ

ଢେଙ୍କାନାଳ, ୨୨।୫(ସମିସ): ସ୍ଥାନୀୟ ଗାନ୍ଧୀ ପାର୍କରେ ସାପ୍ତାହିକ ‘ସତ୍ୟାଗ୍ରହ ସଫେଇ’ କାର୍ଯ୍ୟକ୍ରମ ଅବସରରେ ଏବେ ଗଣମାଧ୍ୟମରେ ବହୁ ଚର୍ଚ୍ଚିତ ‘କକ୍ରୋଚ୍ ଜନତା ପାର୍ଟି’ ସମ୍ପର୍କରେ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ ଆଲୋଚନା କରାଯାଇଥିଲା। ସଭାପତି ପ୍ରଫେସର ଡାକ୍ତର ତୁଷାର କାନ୍ତି ନାୟକ, ଉପସଭାପତି ରୁଦ୍ର ପ୍ରକାଶ ଶରଣ, ସରୋଜ ଶତପଥୀ, ସଦସ୍ୟ ବିନୟ କୁମାର ସାହୁ, ଅଜେନ୍ଦ୍ର ସାମଲ, ବାମପନ୍ଥୀ ନେତା ସର୍ବଜ୍ଞ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମାତ୍ର ୬ ଦିନ ତଳେ ପ୍ରତିଷ୍ଠା ହୋଇଥିବା ଏହି ଡିଜିଟାଲ ପ୍ଲାଟଫର୍ମରେ ଆଜି ସୁଦ୍ଧା ୨ କୋଟିରୁ ଅଧିକ ସଦସ୍ୟ ବିଶେଷ କରି ଯୁବକ ଯୁବତୀ ଫଲୋ କରି ସମର୍ଥନ ଦେଇଛନ୍ତି ଯାହା ମୁଖ୍ୟ ରାଜନୈତିକ ଦଳ ବିଜେପି ଏବଂ କଂଗ୍ରେସର ଦୀର୍ଘବର୍ଷ ଧରି ସୃଷ୍ଟି କରିଥିବା ଫଲୋଅର୍ସମାନଙ୍କ ତୁଳନାରେ ଅଢ଼େଇ ଗୁଣରୁ ଅଧିକ। ଏହା ଆଧୁନିକ ଭାରତ ବର୍ଷ ଇତିହାସରେ ଏକ ଅଭୂତପୂର୍ବ ଘଟଣା ଏବଂ ଏହା ଭାରତରେ ‘ଜେନ୍ ଜି’ ମାନେ ଏକାଠି ହୋଇ କିଛି ବୈପ୍ଳବିକ ପରିବର୍ତ୍ତନ ଆଣିବାର ଆଭାସ ପ୍ରଦାନ କରୁଛି ବୋଲି ସଭ୍ୟମାନେ ମତପ୍ରକାଶ କରିଛନ୍ତି।



ଦେଶର ମୁଖ୍ୟ ବିଚାରପତି ୧୫ ମେ’ରେ ବିଚାରବେଳେ ଜଣେ ଯୁବ ଆଇନଜୀବୀଙ୍କୁ ଆକ୍ଷେପ କରି କହିଥିଲେ ଯେ, ଦେଶର ବେକାର ଯୁବପିଢ଼ି ଅଳସୁଆ, ପରାଙ୍ଗପୃଷ୍ଟ ଅସରପା ସଦୃଶ ଯେଉଁମାନେ କେବଳ ସୋସିଆଲ ମିଡିଆରେ ସମୟ ନଷ୍ଟ କରୁଛନ୍ତି। ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି କରିବା ସହିତ ଯୁବପିଢ଼ିମାନଙ୍କୁ ଅତି ବ୍ୟଥିତ କରିଛି ଏବଂ ଏହି ଝଡରୁ ଜନ୍ମ ନେଇଛି ‘କକ୍ରୋଚ୍ ଜନତା ପାର୍ଟି’। ପାର୍ଟିର ୫ଦଫା ଇସ୍ତାହାରରେ କୁହାଯାଇଛି ଯେ, ସେମାନେ କ୍ଷମତାସୀନ ହେଲେ ମହିଳାଙ୍କ ନିମନ୍ତେ ସବୁ କ୍ଷେତ୍ରରେ ୫୦% ଆରକ୍ଷଣ, ଦଳ ବଦଳକାରୀ ନେତାଙ୍କୁ ୨୦ ବର୍ଷ ନିର୍ବାଚନ ଲଢ଼ିବାରୁ ବଞ୍ଚିତ, ସୁପ୍ରିମକୋର୍ଟ ଜଜ୍‌ମାନେ ଅବସର ପରେ କୌଣସି ସରକାରୀ ପଦବୀ ପାଇପାରିବେ ନାହିଁ, ଜଣେ ବି ଭୋଟରଙ୍କୁ ଭୋଟ୍ ଦେବାରୁ ବଞ୍ଚିତ କଲେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ‘ୟୁଏପିଏ’ ଆଇନ ବଳରେ ଗିରଫ କରାଯିବ, ଆଦାନୀ, ଅମ୍ବାନୀ ଗ୍ରୁପ୍ ପରିଚାଳିତ ମିଡ଼ିଆ ଚ୍ୟାନେଲ ବନ୍ଦ କରାଯାଇ, ସେଥିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବ୍ୟାଙ୍କ ଅକାଉଣ୍ଟ ଯାଞ୍ଚ କରାଯିବ। ଅନେକ ବରିଷ୍ଠ ରାଜନେତା, ଓକିଲ, ବୁଦ୍ଧିଜୀବୀ ଏହି ଦଳ ପ୍ରତି ସମର୍ଥନ ଜଣାଇଛନ୍ତି। ଏହା ନିଶ୍ଚିତ ଯେ, ସାମ୍ପ୍ରତିକ ରାଜନୈତିକ ଦଳମାନେ ଏହି ନୂଆ ଦଳପ୍ରତି ଲୋକମାନଙ୍କର ଆକର୍ଷଣ ଏବଂ ସମର୍ଥନ ଦେଖି ଭୟଭୀତ ହୋଇ ପଡ଼ିଛନ୍ତି। ଦଳର ଉଇକିପିଡ଼ିଆରେ ଦର୍ଶାଯାଇଛି ଯେ ଆସନ୍ତା ବିହାର ଉପନିର୍ବାଚନ ଦଳ ଲଢ଼ିପାରେ।

## ମୀନକେତନ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ




ଖଜୁରିଆକଟା, ୨୨।୫(ସମିସ): ହିନ୍ଦୋଳ ବ୍ଲକ ବାବନ୍ଧ ଠାରେ ଥିବା ମିନକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ସ୍ୱତନ୍ତ୍ର ଅତିଥି ରୂପେ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ, ମୁଖ୍ୟବକ୍ତା ଭାବେ ଡ. କାଳିଆ ସେଠୀ, ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଜନତା ମହାବିଦ୍ୟାଳୟ ବଇଣ୍ଡା, ସମ୍ମାନୀତ ଅତିଥି ଭାବେ ଢ଼େଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ହିନ୍ଦୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀ, କୃଷ୍ଣ ଚନ୍ଦ୍ର ଆଇଚ, କୈଳାସ ଚନ୍ଦ୍ର ବେହେରା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପତି, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ବାବନ୍ଧ ସରପଞ୍ଚ ରୁନୁବାଳା ବେହେରା ଓ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ରଣସିଂହ ଯୋଗ ଦେଇଥିଲେ। ବିଦ୍ୟାଳୟର ବିବରଣୀ ପାଠ କରିଥିଲେ ପୁରାତନ ଛାତ୍ର ଲିଙ୍ଗରାଜ ସାହୁ। ଶେଷରେ ଲକ୍ଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଆସନ୍ତା ୨୩ ଓ ୨୪ ତାରିଖ ଦିନ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ, ପ୍ରଶାସନିକ ଅଧିକାରୀ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ସୁତ୍ରରୁ ଜଣାପଡ଼ିଛି।

**୪ ଦିନ ହେଲା ଅନ୍ଧାରରେ କନ୍ତାମିଲା**

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଖଜୁରିଆକଟା, ୨୨।୫(ସମିସ)



ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତବାସୀ ୪ଦିନ ହେବ ଅନ୍ଧାରରେ ରହି ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ୧୮ ତାରିଖରୁ ହିନ୍ଦୋଳ ବିଦ୍ୟୁତ ବିଭାଗର ବେପରୁଆ ପାଇଁ କନ୍ତାମିଲା ପଞ୍ଚାୟତ ଧୋବଣୀନନ୍ଦର, ବିଲେଇଖଳି, ଉପରପାଳ, ଗୋହିରାଛୋଡ, ଦିଅରପଶି, ଖଜୁରିଆମୁଣ୍ଡା ଇତ୍ୟାଦି ଗ୍ରାମ ଗୁଡିକରେ ବିଦ୍ୟୁତ କଟି ଯାଇଥିବାରୁ ଶହଶହ ଗ୍ରାମବାସୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହେବା ସହ ଅନ୍ଧାରରେ ଦିନ କାଟୁଛନ୍ତି। ହାତୀପ୍ରବଣ ଏହି ଅଞ୍ଚଳରେ ରାତିରେ ହାତୀ ସହିତ ବନ୍ୟଜନ୍ତୁ ଭୟ ଦିନରେ ଅଂଶୁଘାତ ଆଶଙ୍କା। ବିଦ୍ୟୁତ୍ କାଟ ପାଇଁ ପଞ୍ଚାୟତବାସୀ ସ୍ଥାନୀୟ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ହେଁ ବିଭାଗ କର୍ଣ୍ଣପାତ ନକରିବାରୁ ଶହ ଶହ ପଞ୍ଚାୟତବାସୀ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲ୍ଲାପାଳ ପ୍ରଭାସ ବେଉରା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଯାହାକି ଲୋକଙ୍କ ମନରେ ଆଶା ସଞ୍ଚାର କରିଛି। ତେବେ ଭୀଷଣ ଗ୍ରୀଷ୍ମ ପ୍ରବାହରେ ଲୋକ ଘରୁ ବାହାରିବାକୁ ଭୟ କରୁଥିବାବେଳେ ହିନ୍ଦୋଳ ବିଦ୍ୟୁତ୍ ବିଭାଗର ଦୈନିକ ଅଘୋଷିତ ବିଦ୍ୟୁତକାଟ, ଦାଦାଗିରି ପାଇଁ ଅତିଷ୍ଠ ଜନସାଧାରଣ ଦରକାର ପଡ଼ିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଟାଟା ବିଦ୍ୟୁତ ବିଭାଗକୁ ଦୃଢ଼ ବିରୋଧ କରିବେ ବୋଲି ହିନ୍ଦୋଳ ନିର୍ବାଚନ ମଣ୍ଡଳୀବାସୀ ଚେତାବନୀ ଦେଇଛନ୍ତି।

## ଧସିଲା ମୁଖ୍ୟ ରାସ୍ତା; ଗମନାଗମନରେ ବାଧା

ଗଁଦିଆ, ୨୨।୫(ସମିସ): ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରୁ ଗଁଦିଆ ବ୍ଲକ ମଧ୍ୟଦେଇ ଯାଇଥିବା ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ଦୀର୍ଘ ୩ ବର୍ଷ ଧରି ଉକ୍ତ ରାସ୍ତାଟିର ପୁନରୁଦ୍ଧାର ଚାଲିଛି ମାତ୍ର ଆଜି ପର୍ଯ୍ୟନ୍ତ ସରୁନାହିଁ। ଅନ୍ୟପକ୍ଷରେ ଅନେକ ଜାଗାରେ ଉକ୍ତ ରାସ୍ତା ବିପଦସଂକୁଳ ଭାବରେ ରହିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ୟସ୍ତବହୁଳ ହାଟଛକ ଠାରେ ଉକ୍ତ ସ୍ଥାନରେ ନୂତନ କରି ନିର୍ମିତ ପୋଲର ଏକ ପାର୍ଶ୍ୱରେ ରାସ୍ତା ଧସି ଯାଇ ଏକ ବଡ଼ ଗର୍ତ୍ତ ସୃଷ୍ଟି କରିଛି। ତତ୍‌ସହିତ ସେହି କଡ଼ରେ ଯାଇଥିବା ମେଗା ପ୍ରକଳ୍ପ ପାଇପରୁ ପାଣି ନିର୍ଗତ ହୋଇ ଉକ୍ତ ସ୍ଥାନରେ ଏକ କୃତିମ ଜଳ ଭଣ୍ଡାର ସୃଷ୍ଟି କରୁଛି। ଉକ୍ତ ରାସ୍ତାଟି ସିଧାସଳଖ ଭୁବନ ବ୍ଲକ ଓ ଯାଜପୁର ଜିଲ୍ଲାର ଚଢ଼େଇଧରା ଛକକୁ ସଂଯୋଗ କରୁଛି। ଏହି ରାସ୍ତାଟି ଗଁଦିଆ ବ୍ଲକର ଲାଇଫ ଲାଇନ ଅଟେ। ବ୍ଲକର ୨୭ ଗ୍ରାମ ପଞ୍ଚାୟତ ସହିତ ଗଁଦିଆ ଏନଏସିର ଜନସାଧାରଣ ପ୍ରତିଦିନ ସିଧାସଳଖ ଯୋଡି ହୋଇଥାନ୍ତି। ଉକ୍ତ ବ୍ଲକର ଏହା ଏକ ପ୍ରମୁଖ ଛକ ଅଟେ। ବାଣିଜ୍ୟ ବ୍ୟବସାୟ ଠାରୁ ଆରମ୍ଭ କରି ବଡ ବଡ଼ ସରକାରୀ କାର୍ଯ୍ୟାଳୟ ଓ ଆର୍ଥିକ ସଂସ୍ଥା ସବୁ ପାଖାପାଖି ରହିଛି। ଫଳରେ ଏଠାରେ ଉକ୍ତ ରାସ୍ତାର ଏପରି ଅବସ୍ଥା ଯୋଗୁଁ ଦୁର୍ଘଟଣା ଆଶଙ୍କା ରହିଛି। ତୁରନ୍ତ ଉକ୍ତ ରାସ୍ତା ପୁନରୁଦ୍ଧାର କରିବାକୁ ପୂର୍ତ୍ତ ବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



## କରାଣ୍ଡିଆ କେନାଲ ଗାର୍ଡୱାଲ କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ଉପରେ ସିମେଣ୍ଟ, ଭିତରେ ଗୋଡ଼ି ଦେଇ ଚାଲିଛି ଢଳେଇ

ଡେରାବିଶ,୨୨।୫(ସମିସ)



ଜଳ ସମ୍ପଦ ବିଭାଗ ଅଧୀନରେ ଥିବା କରାଣ୍ଡିଆ କେନାଲର ଡେରାବିଶ ବ୍ଲକ୍ ଯଆଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳ ଗ୍ରାମଠାରୁ ହରିଅଙ୍କ ପଞ୍ଚାୟତର ପାଣିଓଳା ଗ୍ରାମ ପର୍ଯ୍ୟନ୍ତ ଦୁଇ ପାଶ୍ୱର୍ରେ କଂକ୍ରିଟ୍ ଗାର୍ଡୱାଲ ନିର୍ମାଣ କାମ ଚାଲିଛି। ଏହି କାମ ୫୦ ଭାଗରୁ ଅଧିକ ସରିଯାଇଥିଲେ ମଧ୍ୟ ଅଦ୍ୟାବଧି ଜନସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟ ସମ୍ପର୍କୀୟ ସୂଚନା ଫଳକ ଲଗାଯାଇ ନାହିଁ। ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ପୂର୍ବରୁ ଗ୍ରାମବାସୀ ଗାର୍ଡୱାଲ ଢଳେଇ କାର୍ଯ୍ୟରେ ଗୋଡ଼ି, ସିମେଣ୍ଟ ଓ ବାଲିର ଆନୁପାତିକ ଭାଗ ସଠିକ୍ ରହୁ ନ ଥିବା ଅଭିଯୋଗ କରିଥିଲେ। ଏଥିସହିତ କଂକ୍ରିଟ୍ ଢଳେଇ ସମୟରେ ଶ୍ରମିକମାନେ ଆଦୌ ଭାଇବ୍ରେଟର ବ୍ୟବହାର ନ କରି ବାଉଁଶ ବାଡ଼ି ବ୍ୟବହାରୁ କରୁଥିବା ଦେଖିବାକୁ ମିଳୁଛି। ଫଳରେ ସଟ୍ରିଙ୍ଗ ଖୋଲାଯିବା ପରେ ଗାର୍ଡୱାଲରେ ବହୁ ପରିମାଣରେ ହନିକମ୍ବ ଦେଖିବାକୁ ମିଳୁଛି। ଏହାକୁ ଲୁଚାଇବାକୁ ବନ୍ଧ ପାଶ୍ୱର୍ରେ ଠିକାଦାର ତୁରନ୍ତ ମାଟି ଭରିଦେଇ ଲୁଚାଇ ଦେଉଥିବାବେଳେ ନାଳ ପାଶ୍ୱର୍ରେ ସଟ୍ରିଙ୍ଗ ଖୋଲା ହେବା ସଙ୍ଗେ ସଙ୍ଗେ ହନିକମ୍ବକୁ ପ୍ଲାଷ୍ଟର କରି ଲୁଚାଇ ଦେଉଥିବା ଦେଖିବାକୁ ମିଳିଛି। ଏପରିକି ବହୁ ସମୟରେ ରାତିରେ ଢଳେଇ କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ଆଜି ସଦ୍ୟ କାମ ହୋଇ ସଟ୍ରିଙ୍ଗ ଖୋଲାଯାଇଥିବା ଗାର୍ଡୱାଲର କିଛି ସ୍ଥାନରେ ଆଦୌ ସିମେଣ୍ଟ ଗୋଳାଯାଇ ନ ଥିବା ଗୋଡ଼ି ଦେଖିବାକୁ ମିଳିଥିଲା। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ଠିକାଦାର ଜଣକ କେତେ ନିମ୍ନମାନର କାର୍ଯ୍ୟ କରୁଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଚାଷୀଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରକଳ୍ପ ସମ୍ପର୍କିତ ସୂଚନା ସହିତ କାର୍ଯ୍ୟ ଆରମ୍ଭ, କାର୍ଯ୍ୟ ଶେଷ ଓ ବ୍ୟୟ ଅଟକଳ, ଗାର୍ଡୱାଲର ଡିଜାଇନ୍ ସମ୍ପର୍କରେ ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଛି। ଏହି କାର୍ଯ୍ୟ କେଉଁ ବିଭାଗ ଦ୍ୱାରା ହେଉଛି, ତାହା ମଧ୍ୟ ଜଣାପଡୁନାହିଁ। କାମ ଆରମ୍ଭରୁ ବିଭାଗୀୟ ଅଧିକାରୀ କେହି ତଦାରଖ କରୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ନ ଥିବା ଅଭିଯୋଗ କରୁଛନ୍ତି। ଜନସାଧାରଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହି କାର୍ଯ୍ୟ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମନରେଗା କାମରେ ମେସିନ ବ୍ୟବହାର ଅଭିଯୋଗ

ମହାକାଳପଡ଼ା, ୨୨।୫(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତର ଦହିମାଛ ଶନି ମନ୍ଦିର ନିକଟରେ ମନରେଗା ଯୋଜନାରେ ଚାଲିଥିବା ପୋଖରୀ ଖନନ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। ମଣିଷ ବଦଳରେ ଜେସିବି ଓ ଟ୍ରାକ୍ଟର ଭଳି ମେସିନ ବ୍ୟବହାର କରାଯାଇ ସରକାରୀ ଟଙ୍କାର ଦୁରୁପଯୋଗ ହେଉଥିବା ଅଭିଯୋଗ ହୋଇଛି। ଏଥିସହ



ବେଆଇନ ଭାବେ ମାଟି ପରିବହନ ହେଉଥିବାକୁ ନେଇ ସ୍ଥାନୀୟ ଲୋକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମନରେଗା ଯୋଜନାରେ କାମ ହେଉଥିବା ସତ୍ତ୍ୱେ କାର୍ଯ୍ୟସ୍ଥଳରେ କୌଣସି ସରକାରୀ ସୂଚନା ଫଳକ ଲଗାଯାଇନାହିଁ। ଦିନ ଦ୍ୱିପହରରେ ମେସିନ ଲଗାଇ ପୋଖରୀ ଖନନ ସହ ମାଟି ତାଡ଼ି ନିଆଯାଉଛି। ଏ ନେଇ ଦୁଇଦିନ ଧରି ମହାକାଳପଡ଼ା ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଆଜି ଜେସିବି ଓ ଟ୍ରାକ୍ଟର ସହାୟତାରେ ମାଟି ପରିବହନ ଚାଲିଥିବାବେଳେ ଗ୍ରାମର କିଛି ସଚେତନ ନାଗରିକ ତହସିଲଦାରଙ୍କୁ ଫୋନ କରିଥିଲେ। ସେ ଫୋନ ରିସିଭ୍ କରି ନ ଥିବା କୁହାଯାଇଛି। ସେହିପରି କନିଷ୍ଠ ଖଣି ଅଧିକାରୀ ଦିନେଶ ମହାପାତ୍ର ମଧ୍ୟ ଫୋନ ଉଠାଇ ନ ଥିବା ଅଭିଯୋଗ ହୋଇଛି। ପରେ ସ୍ଥାନୀୟ ଏଆରଆଇ ଦୀପକ ଦାସଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ସେ ସରପଞ୍ଚଙ୍କ ସହ ଆଲୋଚନା କରି ଆବଶ୍ୟକ କାଗଜପତ୍ର ତହସିଲ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହି ଘଟଣା ପରେ ମହାକାଳପଡ଼ା ପ୍ରଶାସନର କାର୍ଯ୍ୟ ପ୍ରଣାଳୀକୁ ନେଇ ଅଞ୍ଚଳରେ ପ୍ରଶ୍ନ ଉଠିଛି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ବୃଦ୍ଧାଙ୍କୁ ଭତ୍ତା ଟଙ୍କା ନ ଦେଇ ଦୁର୍ବ୍ୟବହାର ଅଭିଯୋଗ

ରାଜନଗର, ୨୨।୫(ସମିସ): ବେଲପାଳର ୮୫ ବର୍ଷୀୟ ବୃଦ୍ଧା କୌଶଲ୍ୟା ପ୍ରଧାନ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବାବେଳେ ତାଙ୍କୁ ଭତ୍ତା ବାଣ୍ଟୁଥିବା ଅଧିକାରୀ ହଇରାଣ ଓ ଅସମ୍ମାନଜନକ ଆଚରଣ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ବିଭିନ୍ନ କାମ ନେଇ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କରିବାକୁ ପରାମର୍ଶ ଦେଉଥିବାବେଳେ ଭତ୍ତା ପାଇଁ ଯାଇଥିବା ଜଣେ ବୃଦ୍ଧାଙ୍କୁ ଅସମ୍ମାନଜନକ ଆଚରଣ କରିବା ଘଟଣା ଉଦବେଗ ସୃଷ୍ଟି କରିଛି। ଅଭିଯୋଗ ମୁତାବକ, କୌଶଲ୍ୟା ପ୍ରଧାନ ରାଜ୍ୟ ପେନସନ ଯୋଜନାର ଜଣେ ନିୟମିତ ହିତାଧିକାରୀ। ୮୦ ବର୍ଷରୁ ଅଧିକ ବୟସ ହୋଇଥିବାରୁ ମାସିକ ୩୫୦୦ ଟଙ୍କା ପାଉଥାନ୍ତି। ଗତ ଦୁଇମାସ ଧରି ଯାନ୍ତ୍ରିକ ସମସ୍ୟା ବାହାନାରେ ଜାଣିଶୁଣି ହଇରାଣ କରାଯାଉଛି। ଏପ୍ରିଲ ମାସରେ ଗ୍ରାମ ରୋଜଗାର ସେବକ ବ୍ଲକ ଦ୍ୱାରା ପ୍ରଦାନ କରାଯାଇଥିବା ତାଲିକାରେ ତାଙ୍କ ନାମ ନ ଥିବା କହି ତାଙ୍କୁ ଭତ୍ତା ଟଙ୍କା ଦେଇ ନ ଥିଲେ। ବୃଦ୍ଧା ଜଣକ ମୁଁ ଚାଲି ଚାଲି ଘରୁ ଆସିବା ସମ୍ଭବ ନୁହେଁ କହି ଭତ୍ତା ଟଙ୍କା ଦେବାକୁ ଅନୁରୋଧ କରିଥିଲେ। ମାତ୍ର ଜିଆରଏସ ପରଦିନ ଆଧାର କାର୍ଡ ଆଣି ଆସିବାକୁ କହିଥିଲେ। ବୃଦ୍ଧା ଜଣକ ପରଦିନ ଆଧାର କାର୍ଡ ନେଇ ପହଞ୍ଚିବା ପରେ ଉପସ୍ଥାପନ କଲେ, ଜିଆରଏସ ତାଙ୍କୁ ଘୃଣାର ସହିତ ବ୍ୟବହାର କଲେ ଓ ରେକର୍ଡ ବହି ତାଙ୍କ ଉପରକୁ ଫିଙ୍ଗି ଦେଲେ। ବୃଦ୍ଧା ଜଣଙ୍କ କାନ୍ଦି କାନ୍ଦି ଘରକୁ ଫେରିଥିଲେ। ଆଜି ବୃଦ୍ଧା ଜଣଙ୍କ ଏପ୍ରିଲ ଓ ମେ ଦୁଇ ମାସର ଭତ୍ତା ଟଙ୍କା ପାଇଁ ପହଞ୍ଚିଥିଲେ। ପୁଣିଥରେ ତମ ନାମ ତାଲିକାରେ ନାହିଁ କହି ଦୁର୍ବ୍ୟବହାର କରାଯିବା ସହିତ ଫେରାଇ ଦିଆଯାଇଥିବା ନେଇ ବୃଦ୍ଧା ଅଭିଯୋଗ କରିଛନ୍ତି। ପ୍ରବଳ ଖରା ଗରମରେ ବୃଦ୍ଧା ଜଣକ ପଞ୍ଚାୟତ ଅଫିସକୁ ଯାଇ ଫେରିବା ଘଟଣାକୁ ବୃଦ୍ଧା ଜଣକ ମାନସିକ ଆଘାତ ପାଇଥିବା ନେଇ ଅଭିୟଯୋଗରେ ଦର୍ଶାଇଛନ୍ତି। ଏ ନେଇ ତାଙ୍କ ନାତି ବିଏସଏସଓଙ୍କୁ ଜଣାଇଥିଲେ ମଧ୍ୟ ସହାୟତା ପ୍ରଦାନ କରିବା ପରିବର୍ତ୍ତେ କାହିଁକି ଫୋନ୍ କରୁଛ କହି ଫୋନ କଟିଥିବା ନେଇ ଅଭିଯୋଗରେ ଦର୍ଶଯାଇଛି। ଜଣେ ୮୫ ବର୍ଷୀୟ ବୃଦ୍ଧା ମହିଳାଙ୍କୁ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଯିବାକୁ ବାଧ କରିବା, ଖରାପ ବ୍ୟବହାର ପ୍ରଦର୍ଶନ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବୃଦ୍ଧା ଜଣାଇବା ସହିତ, ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ଓ ରାଜନଗର ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ବିଏସଏସଓ ମନୋଜ ବେହେରାଙ୍କୁ ପଚାରିବାରୁ ଦୁଇମାସ ହେଲା କିଛି ହିତାଧିକାରୀଙ୍କ ଭତ୍ତା ଟଙ୍କା ଆକାଉଣ୍ଟକୁ ଯିବ ବୋଲି ଚିଠି ହୋଇଛି। ଦୁଇମାସ ହେଲା ଟଙ୍କା ଯାଇନାହିଁ। ମୋତେ ତାଙ୍କ ନାତି ଫୋନ କରିଥିଲେ। ମୁଁ ମିଟିଂରେ ଥିବାରୁ ଫୋନ କାଟିଥିଲି ବୋଲି କହିଛନ୍ତି। ଯଦି ବୃଦ୍ଧାଙ୍କ ଆକାଉଣ୍ଟକୁ ଟଙ୍କା ଯିବ ବୋଲି ଚିଠି ହୋଇଥିଲା, ଏ ନେଇ ବୃଦ୍ଧାଙ୍କୁ ଜଣାଯାଇଥିଲା କି ? ଦୁଇମାସ ଧରି ବୃଦ୍ଧା କାହିଁକି ଖରା ଗରମରେ ପଞ୍ଚାୟତ ଅଫିସକୁ ଆସିଲେ ଓ ଦୁର୍ବ୍ୟବହାରର ଶିକାର ହେଲେ ବୋଲି ପ୍ରଶ୍ନ ଉଠିଛି।

## ପାଟକୁରାରେ ଦହି ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ

ଗରଦପୁର,୨୨।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବାବେଳେ ରୌଦ୍ରତାପରୁ ଲୋକଙ୍କୁ ସାମୟିକ ଆଶ୍ୱସ୍ତି ଦେବାକୁ ଆଗକୁ ଆସିଛି ମହେଶ କର ଫାଉଣ୍ଡେସନ। ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଫାଉଣ୍ଡେସନ ପକ୍ଷରୁ ପାଟକୁରା ବଜାର ନିକଟରେ ଦହି ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ୱର୍ଗତ ମହେଶ କରଙ୍କ ସ୍ମୃତିରେ ଆୟୋଜିତ ଏହି ସେବାମୂଳକ କାର୍ଯ୍ୟକ୍ରମକୁ ପାଟକୁରା ଥାନାର ନବନିଯୁକ୍ତ ଥାନାଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ଉଦଘାଟନ କରିଥିଲେ। ପ୍ରଚଣ୍ଡ ଖରାରେ ବାହାରକୁ ବାହାରିବା



କଷ୍ଟସାଧ୍ୟ ହୋଇପଡ଼ିଥିବାବେଳେ ଦୀର୍ଘ ଦେଢ଼ ମାସ ଧରି କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ ଓ ସଦର ଅଞ୍ଚଳରେ ଫାଉଣ୍ଡେସନ ପକ୍ଷରୁ ଥଣ୍ଡା ପାନୀୟଜଳ ବଣ୍ଟନ ସେବା ଜାରି ରହିଛି। ଏହି କ୍ରମରେ ପାଟକୁରାରେ ଆୟୋଜିତ କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶଂସା ସାଉଁଟିଛି। ଫାଉଣ୍ଡେସନର ଉପଦେଷ୍ଟା ପ୍ରଦୀପ ମହାନ୍ତିଙ୍କ ସମେତ ସମାଜସେବୀ ଭାଗୀରଥି ଜେନା, ଦେବେନ୍ଦ୍ର ଦାସ, ବାପୁଜୀ ମିଶ୍ର, ଆଶିଷ ଲେଙ୍କା, ରଘୁନାଥ ବାରିକ, ତ୍ରିଲୋଚନ ସାହୁ ଓ ମୁକ୍ତେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସ୍ୱର୍ଗତ ମହେଶ କରଙ୍କ ପୁତ୍ର ତଥା ଫାଉଣ୍ଡେସନର ପୃଷ୍ଠପୋଷକ ହିମାଂଶୁ ଭୂଷଣ କର (ହାପି) ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମ ପ୍ରତି ନିଜର ସମର୍ଥନ ଜଣାଇଥିଲେ। ଏ ଅବସରରେ ୬୦୦ରୁ ଅଧିକ ପଥଚାରୀ, ମେଡିକାଲକୁ ଆସିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦହି ସରବତ ଓ ଗ୍ଲୁକୋଜ ପାଣି ପାନ କରି ରୌଦ୍ରତାପରୁ ସାମୟିକ ଆରାମ ପାଇଥିଲେ।

### ● ଗାଁ ଲୋକଙ୍କ ମେଳି ଆଗରେ ମୁଣ୍ଡ ନୁଆଇଁଲା ପ୍ରଶାସନ

## ବାଘବୁଦା ଗ୍ରାମ ସମିତି ଘର ଉଚ୍ଛେଦ ମାସେ ସ୍ଥଗିତ

ରାଜକନିକା,୨୨।୫(ସମିସ): ଗ୍ରାମର ସଂହତି ଆଗରେ ମୁଣ୍ଡ ନୁଆଇଁଲା ପ୍ରଶାସନ। ଉଚ୍ଛେଦ ପାଇଁ ପ୍ରଶାସନର ସବୁ ପ୍ରସ୍ତୁତି ସରିଥିଲେ ହେଁ ଗାଁ ଲୋକଙ୍କ ମେଳି ଆଗରେ ଫିକା ସାବ୍ୟସ୍ତ ହୋଇଛି ସବୁ ଆଦବକାଇଦା। ଶାନ୍ତିପୂର୍ଣ୍ଣ ଭାବେ ଆଜି ସକାଳ ୮ଟାରୁ ବାଘବୁଦା (ନୂଆସାହି) ଗାଁର ସବୁ ପରିବାରର ମହିଳା, ପୁରୁଷ ପିଲାଛୁଆ ଧରି ପ୍ରଶାସନର ଉଚ୍ଛେଦ ହେବାକୁ ନୋଟିସ ମିଳିଥିବା ସମିତି ଘର ସମ୍ମୁଖରେ ପାଲ ପକାଇ ବସି ରହି ଗାଁର ଏହି ସାଂସ୍କୃତିକ କେନ୍ଦ୍ରକୁ ଉଚ୍ଛେଦ ନ କରିବା ଦାବିରେ ନାରାବାଜି କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ଶତାଧିକ ଗ୍ରାମବାସୀ ନାରାବାଜି କରି ଘଟଣାସ୍ଥଳରେ ବସି ରହିଥିବାବେଳେ ପୂର୍ବାହ୍ନ ୧୧ଟା ବେଳେ କନିକା ତହସିଲଦାର ପହଞ୍ଚି ଏହି ଘର ଯେହେତୁ ସରକାରୀ ଜାଗାରେ ଅଛି, ନୋଟିସ ମୁତାବକ ଉଚ୍ଛେଦ ହେବା ପାଇଁ ଆଲୋଚନା କରିବାରୁ ତହସିଲଦାରଙ୍କୁ ପ୍ରବଳ ବିରୋଧ



ହୋଇଥିଲା। କନିକା ତହସିଲର ସବୁ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ହୋଇ ନ ଥିବାବେଳେ କ'ଣ ପାଇଁ ଗାଁର ଏକ ସମିତି ଘର ଯେଉଁଠି ଭାଗବତ ଟୁଙ୍ଗି ହେବା, କୀର୍ତ୍ତନ, ଦୋଳ ଉତ୍ସବ ଆଦି ପାଳନ ହୋଇଆସୁଛି। ତାକୁ ଉଚ୍ଛେଦ କରାଯିବ ବୋଲି ପ୍ରଶ୍ନ ଆଣିଥିଲେ। ପୁନଶ୍ଚ ଗାଁ ଲୋକଙ୍କ ସହ ଆଲୋଚନା ନ କରି ସାମୂହିକ କାର୍ଯ୍ୟ ହେଉଥିବା ଏହି ସମିତି ଘରକୁ ଉଚ୍ଛେଦ ପାଇଁ ପ୍ରଶାସନ ଅଧିକ ଆଗ୍ରହ ଦେଖାଉଥିବାରୁ ଘଟଣାସ୍ଥଳରେ ତହସିଲଦାର ପ୍ରଶ୍ନବାଣର ସମ୍ମୁଖୀନ ହୋଇଥିଲେ। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ଚାଲିଥିବାବେଳେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡା. ଦେବସ୍ମିତା ଶର୍ମା ପହଞ୍ଚି ଯେହେତୁ ଏହା ଏକ ସମ୍ବେଦନଶୀଳ ଘଟଣା ଓ ମାସେ ସମୟ ଦାବି କରିଥିଲେ। ସମିତି ଘର ଉଚ୍ଛେଦ କରିବାକୁ ଯାଇଥିବା ପ୍ରଶାସନ ଶେଷରେ ନିଜ ଆଡୁ ଓହରି ଆସିବା ଦ୍ୱାରା ଗାଁରେ ଖୁସି ମାହୋଲ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ସମିତି ଘରର ସୁରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର ହୋଇଥିବାରୁ ଏହି ମାମଲା ଏବେ ରୋଚକ ମୋଡ଼ରେ ପହଞ୍ଚିଛି।

## ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆପ୍‌ର ପ୍ରସ୍ତୁତି

କେନ୍ଦ୍ରାପଡ଼ା,୨୨।୫(ସମିସ): ଆମ ଆଦମୀ ପାର୍ଟି ପକ୍ଷରୁ କେନ୍ଦ୍ରାପଡ଼ା ସହରର ଖଡିଅଙ୍ଗସ୍ଥ ପାର୍ଟି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଟିର ଜିଲ୍ଲା ଉପସଭାପତି ବାନାମ୍ବର ସାହୁ ଯୋଗଦେଇ ଆଗାମୀ ପଞ୍ଚାୟତ ଓ ପୌରପରିଷଦ ନିର୍ବାଚନକୁ ନଜରରେ ରଖି ସଂଗଠନକୁ ତୃଣମୂଳ ସ୍ତରକୁ ସୁଦୃଢ଼ କରିବା ପାଇଁ ଦଳର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ,



ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୪ ତାରିଖ ରବିବାର ଭୁବନେଶ୍ୱରରେ ଓଡ଼ିଶାର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଆୟୋଜିତ ହେବ। ଏହି ବୈଠକରେ ଦଳର ଆଗାମୀ ସଂଗଠନାତ୍ମକ ରଣନୀତି ସହ ପଞ୍ଚାୟତ ଓ ପୌରପରିଷଦ ସ୍ତରରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ନେଇ ଆଲୋଚନା ହେବ। ଏହି ସମ୍ମିଳନୀକୁ ସଞ୍ଜୟ ସିଂ ଓ ଦିଲ୍ଲୀ କ୍ୟାଣ୍ଟର ବିଧାୟକ ତଥା ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ର ସିଂ କାଡିଆନ୍ ଯୋଗଦେବେ। ସଂଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଦଳର ପ୍ରଭାବ ବୃଦ୍ଧି କରିବାକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଦଳୀୟ ନେତା କହିଛନ୍ତି। ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କେନ୍ଦ୍ରୀୟ ନେତୃତ୍ୱଙ୍କ ସହଯୋଗ ପ୍ରତି କୃତଜ୍ଞତା ଜଣାଇବା ସହ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହ ଓ ସମର୍ପଣ ଭାବ ସହ କାମ କରିବାକୁ ଆହ୍ୱାନ ଜଣାଇଛନ୍ତି। ଆଗାମୀ ତିନିମାସ ମଧ୍ୟରେ ସଂଗଠନ ନିର୍ମାଣ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାକୁ ଦଳ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା, ସଂଗଠନ ସମ୍ପାଦକ କୁମୁଦ କୁମାର ରାଉତ ଓ ରୁଦ୍ରପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରାମଦ ଜବତ, ୮ ଗିରଫ

କେନ୍ଦ୍ରାପଡ଼ା,୨୨।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରାମଦ କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇ ପରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ନିକିରାଇ, ରାଜନଗର, ତାଳଚୁଆ। ମେରାଇନ ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ କାର୍ଯ୍ୟରେ ଅବକାରୀ ଉପନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ବିଦ୍ୟୁତ୍ ଆଘାତରେ ଗାଈ ମୃତ

ପଟ୍ଟାମୁଣ୍ଡାଇ,୨୨।୫(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୨ନଂ ୱାର୍ଡସ୍ଥ ଷଣ୍ଢପଲ୍ଲୀ ଗ୍ରାମର ବିଧବା ମହିଳା ଚନ୍ଦ୍ରକାନ୍ତି ପଣ୍ଡାଙ୍କ ଗାଈ ନିକଟସ୍ଥ ବିଲରେ ଚରୁଥିବାବେଳେ ବିଦ୍ୟୁତ ତାର



ଛିଣ୍ଡି ପଡିଥିଲା ଓ ବିଦ୍ୟୁତ୍ ଆଘାତରେ ଗାଈଟି ମୃତ୍ୟୁବରଣ କରିଛି। ଗରିବ ବିଧବା ମହିଳା ଚନ୍ଦ୍ରକାନ୍ତି ପଣ୍ଡା ଗାଈ ପାଳି ପରିବାର ପ୍ରତିପୋଷଣ କରୁଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଗୋବରୀ ନଦୀ ପୁନରୁଦ୍ଧାର ପାଇଁ ହେଉଛି ମାପ

ପଟ୍ଟାମୁଣ୍ଡାଇ,୨୨।୫(ସମିସ): ପଟ୍ଟାମୁଣ୍ଡାଇ-ଗଣ୍ଡାକିଆକୁ ସଂଯୋଗ କରିଥିବା ଗୋବରୀ ନଦୀର ପୁନରୁଦ୍ଧାର ପାଇଁ ଜଳନିଷ୍କାସନ ବିଭାଗ ପକ୍ଷରୁ ୭ କୋଟି ଟଙ୍କା ବ୍ୟୟବରାଦ କରାଯାଇ କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଛି। ମାତ୍ର ନଦୀପାଠ ଜବରଦଖଲ



ଯୋଗୁଁ ଖନନ କାମରେ ବାଧା ସୃଷ୍ଟି ହୋଇଛି। ଏହି ପ୍ରତିବନ୍ଧକକୁ ଦୂର କରିବା ପାଇଁ ପଟ୍ଟାମୁଣ୍ଡାଇ ତହସିଲ ପକ୍ଷରୁ ପୂର୍ବ ନୋଟିସ ଅନୁଯାୟୀ ଶୁକ୍ରବାର ସକାଳୁ ମାପ ଆରମ୍ଭ କରାଯାଇଥିଲା। ଗୋବରୀ ନଦୀପାଠ ନରସିଂହପୁରଠାରୁ ଆମ୍ବେର ରାଜଗଡ଼ ପର୍ଯ୍ୟନ୍ତ ମାପଚୁପ କରାଯାଇ ସୀମା ଚିହ୍ନଟ କରାଯାଇଥିଲା। ସରକାରୀ ଭାବେ ହୋଇଥିବା ଏହି ମାପ ସମୟରେ ଜଳନିଷ୍କାସନ ବିଭାଗ ସହକାରୀ ଯନ୍ତ୍ରୀ ଧ୍ରୁବେନ୍ଦ୍ର ଜେଠୀ, କନିଷ୍ଠ ଯନ୍ତ୍ରୀ ସରୋଜ ଦାସ, ଖଡ଼ିଅଣ୍ଡା ଆରଆଇ ବିଦ୍ୟୁତ ନାୟକ, ପଟ୍ଟାମୁଣ୍ଡାଇ ତହସିଲ ଅମିନ ଜଗବନ୍ଧୁ ମୁର୍ମୁ ପୁଲିସ ଫୋର୍ସ ସହିତ ଉପସ୍ଥିତ ଥିଲେ।

## +୨ ବିଜ୍ଞାନ ପରୀକ୍ଷାରେ ଜୟପ୍ରକାଶଙ୍କ ସଫଳତା

ଆଳି,୨୨।୫(ସମିସ): +୨ ବିଜ୍ଞାନ ପରୀକ୍ଷାରେ କେରେଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ର ଜୟପ୍ରକାଶ ମୁଦୁଲି ଆପେକ୍ସ ଏକାଡେମୀର ଟପର ହୋଇଛନ୍ତି। ସେ ୬୦୦ରୁ ୫୮୨ (୯୭ ପ୍ରତିଶତ) ନମ୍ବର ରଖି ନିଜ ଶିକ୍ଷାନୁଷ୍ଠାନ ଓ ଆଳି ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ଆଳି ବ୍ଲକ ବଡ଼ାମ୍ବିଳୀ ପଞ୍ଚାୟତ ବେଡ଼ା ଗ୍ରାମର ପ୍ରଦୀପ୍ତ ମୁଦୁଲି ଓ ସସ୍ମିତା ମୁଦୁଲିଙ୍କ ପୁତ୍ର



ଜୟପ୍ରକାଶ ସଫଳତାର ଶ୍ରେୟ ପିତାମାତା, ଅଧ୍ୟାପକ, ଅଧ୍ୟାପିକାଙ୍କୁ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## +୨ ବିଜ୍ଞାନରେ ସୂର୍ଯ୍ୟନାରାୟଣଙ୍କ ସଫଳତା

ପଟ୍ଟାମୁଣ୍ଡାଇ,୨୨।୫(ସମିସ): ବଡ଼ମୂଳବସନ୍ତ ପଞ୍ଚାୟତ ବାଟିପଡ଼ା ଗ୍ରାମର ସୁରେନ୍ଦ୍ର ରାଉତଙ୍କ ନାତି ତଥା ଡିହାପଡା ପଞ୍ଚାୟତ ସେକପୁର ଗ୍ରାମର ହେମନ୍ତ ନାୟକଙ୍କ ପୁତ୍ର ସୂର୍ଯ୍ୟନାରାୟଣ ନାୟକ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜରୁ +୨ ବିଜ୍ଞାନରେ ୫୭୩ ନମ୍ବର (୯୫.୫) ନମ୍ବର ରଖି ଅନନ୍ୟ ସଫଳତା ହାସଲ କରିଛନ୍ତି। ସେ ସାନମୂଳବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧବଳେଶ୍ୱର ଶିକ୍ଷାକେନ୍ଦ୍ର ଓ ନିତାଇ ଚୈତନ୍ୟ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ।



ଏ ଖବର ପ୍ରଚାରିତ ହେବା ପରେ ସମସ୍ତ ଗୁରୁଜୀ ଓ ଗୁରୁମା ଖୁସି ବ୍ୟକ୍ତ କରିଛନ୍ତି। ଧବଳେଶ୍ୱର ଶିକ୍ଷାକେନ୍ଦ୍ରର ସମସ୍ତ ସଦସ୍ୟସଦସ୍ୟା ସୂର୍ଯ୍ୟନାରାୟଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ସମାଜସେବୀ ସଂଗ୍ରାମ ସ୍ୱାଇଁ ଓ ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ବଳଦେବଜୀଉ ମନ୍ଦିରର ଜଗମୋହନ ମରାମତି ଆରମ୍ଭ

କେନ୍ଦ୍ରାପଡ଼ା,୨୨।୫(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉ ମନ୍ଦିରର ଜଗମୋହନ ବା ନାଟମଣ୍ଡପର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ବର୍ଷ ବର୍ଷ ଧରି ପ୍ରାଚୀନ ଐତିହ୍ୟକୁ ନେଇ ପରିଚିତ ଏହି ମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଭିଜ୍ଞ କାରିଗରଙ୍କ ତତ୍ତ୍ୱାବଧାନରେ ମରାମତି କାମ ଚାଲିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଜଗମୋହନର କାନ୍ଥ ମଧ୍ୟରେ ଥିବା ପୁରୁଣା ଟାଇଲକୁ ସାବଧାନତାର ସହ ବାହାର କରାଯାଉଛି। ପରବର୍ତ୍ତୀ ସମୟରେ ସେଠାରେ ନୂତନ ପଥର ସଂଯୋଜନ କରାଯାଇ ପାରମ୍ପରିକ ଶୈଳୀକୁ ଅକ୍ଷୁର୍ଣ୍ଣ ରଖି ମରାମତି କାମ ସମ୍ପୂର୍ଣ୍ଣ କରାଯିବ ବୋଲି ସୂଚନା ମିଳିଛି। ମନ୍ଦିର ପ୍ରଶାସନ ପକ୍ଷରୁ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ପୁରାତନ ଗଠନକୁ ସୁରକ୍ଷିତ ରଖିବା ସହ ଭକ୍ତଙ୍କ ସୁବିଧାକୁ ଲକ୍ଷ୍ୟରେ ରଖି ମରାମତି କାର୍ଯ୍ୟ କରାଯାଉଛି। ମନ୍ଦିରର ଐତିହ୍ୟ ଓ ପାରମ୍ପରିକ ରୂପକୁ ଅକ୍ଷୁର୍ଣ୍ଣ ରଖିବାକୁ ବିଶେଷ ଧ୍ୟାନ ଦିଆଯାଉଛି। ସ୍ଥାନୀୟ ଭକ୍ତ ଓ ସେବାୟତ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ଦୀର୍ଘଦିନ ଧରି ଜଗମୋହନର ମରାମତି ଆବଶ୍ୟକତା ଅନୁଭୂତ ହେଉଥିଲା ବୋଲି ମତ ପ୍ରକାଶ କରିଛନ୍ତି। ମରାମତି କାମ ଶେଷ ହେବା ପରେ ମନ୍ଦିରର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବା ସହ ଭକ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ଆଶା କରାଯାଉଛି।

## ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ବୃଦ୍ଧାଙ୍କ ଆତ୍ମହତ୍ୟା ଉଦ୍ୟମ

ରାଜନଗର,୨୨।୫(ସମିସ): ରାଜନଗର ହଂସୁଆ ସେତୁ ଉପରୁ ବୃଦ୍ଧା ନଦୀକୁ ଡେଇଁବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକ ଉଦ୍ଧାର କରିଛନ୍ତି। ଶଙ୍ଖପୁର



ଗ୍ରାମର ବୃଦ୍ଧା ଆଜି ଦିନ ପ୍ରାୟ ୧୦ଟା ସମୟରେ ରାଜନଗର ହଂସୁଆ ସେତୁ ଉପରୁ ନଦୀକୁ ଡେଇଁବାକୁ ଯାଉଥିବାବେଳେ ସେହି ବାଟ ଦେଇ ଯାଉଥିବା ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଛନ୍ତି। କାହିଁକି ବଞ୍ଚିବି, ମୋର ୩ଟି ପୁଅ ଥିବାବେଳେ କେହି ପଚାରୁ ନ ଥିବା ସେ କାନ୍ଦିକାନ୍ଦି କହିଥିଲେ। ପୁଅ ଓ ବୋହୂ ତାଙ୍କୁ ଅତ୍ୟାଚାର କରନ୍ତି ବୋଲି କୋହଭରା କଣ୍ଠରେ କହିଥିଲେ। ସେ କହିଲା ବେଳେ ଚେତାଶୂନ୍ୟ ହୋଇପଡୁଥିଲେ। ମୋତେ ଛାଡିଦିଅ ମୁଁ ବଂଚିବାକୁ ଚାହୁଁନାହିଁ। ୩ଟି ପୁଅ ଜନ୍ମ ଦେଇ ଆଜି ମୋ' ପାଖରେ କେହି ନାହାଁ। କାହିଁକି ବଞ୍ଚିବି ବୋଲି କହୁଥିଲେ। ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ପରେ ଏଏସଆଇ ଶିଶିର ସାହୁ ପହଞ୍ଚି ବୃଦ୍ଧାଙ୍କୁ ଥାନାକୁ ନେଇଥିଲେ। ବୃଦ୍ଧାଙ୍କୁ ଖାଇବାକୁ ଦେବା ସହ ତାଙ୍କ ଘରେ ପୁଲିସ ଛାଡ଼ିଥିବା ଜଣାପଡ଼ିଛି।

### ମାର୍ଶାଘାଇ ବ୍ଲକ୍ କୃଷି ବିଭାଗରେ ବିହନ ଦୁର୍ନୀତି ଅଭିଯୋଗ

# ବିକିବାକୁ ନେବାବେଳେ ଅଟକାଇଲେ ସ୍ଥାନୀୟ ଲୋକ

ମାର୍ଶାଘାଇ,୨୨।୫(ସମିସ)




କୃଷି ଓ କୃଷକର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ମାଗଣାରେ ବିହନ, ସାର ଓ ଔଷଧ ଯୋଗାଇ ଦିଆଯାଉଛି। ତେବେ ମାର୍ଶାଘାଇ ବ୍ଲକ୍‌କୁ ଚାଷୀଙ୍କ ପାଇଁ ଆସିଥିବା ବିହନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଚାଷୀଙ୍କ କ୍ଷେତକୁ ଯିବା ବଦଳରେ ଏହି ବିହନ ଖୋଲା ବଜାରରେ ବିକ୍ରୟ କରାଯାଉଛି। ଗତ କିଛିଦିନ ତଳେ ବ୍ଲକ କୃଷି ବିଭାଗ ଗୋଦାମରୁ ସରକାରୀ ମିନିକିଟ ମୁଗ ବିହନ ଗାଡ଼ିରେ ଲଦି ନେବାବେଳେ ସ୍ଥାନୀୟ ଲୋକ ଓ ଜନପ୍ରତିନିଧି ଏହାର ବିରୋଧ କରିଥିଲେ। ଅନୁରୂପ ଭାବେ ଶୁକ୍ରବାର ଚିନାବାଦାମ ଓ ସୂର୍ଯ୍ୟମୁଖୀ ବିହନ ଏକ ଗାଡ଼ିରେ ଲଦି ବିକିବାକୁ ନେବା ସମୟରେ ସ୍ଥାନୀୟ ଲୋକ ଅଟକାଇଥିଲେ। ଏ ସମ୍ପର୍କରେ କୃଷି ବିଭାଗ ଖବର ପାଇ ମଧ୍ୟ ଘଟଣାସ୍ଥଳକୁ ନ ଆସିବାରୁ ଅଟକ ଗାଡ଼ି ପଳାଇଯାଇଥିବା ଜଣାପଡ଼ିଛି।

କୃଷି ଉତ୍ପାଦନ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ନ୍ୟାସନାଲ ଫୁଡ୍ ସିକ୍ୟୁରିଟି ମିଶନ (ଏନ୍‌ଏଫ୍‌ଏସ୍‌ଏମ୍) ମାଧ୍ୟମରେ ମୁଗ ବିହନ ଓ ଜାତୀୟ ଖାଦ୍ୟ ତୈଳ ମିଶନ (ଏନଏମଇଓ) ମାଧ୍ୟମରେ ଚିନାବାଦାମ ବିହନ ଓ ସୂର୍ଯ୍ୟମୁଖୀ ବିହନ ଯୋଗାଇ ଦେଇଥିଲେ। ଚାଷ ପାଇଁ ଉଦ୍ଦିଷ୍ଟ ଏହି ମାଗଣା ବିହନକୁ ମାର୍ଶାଘାଇ କୃଷି ବିଭାଗ ଗୋଦାମ ଗୃହରେ ରଖାଯାଇଥିଲା। ମାତ୍ର ଅଳ୍ପ ପରିମାଣର ବିହନ ହାତଗଣତି ଚାଷୀଙ୍କୁ ଯୋଗାଇ ଦିଆଯାଇଥିବାବେଳେ ବହୁ ଚାଷୀଙ୍କୁ ଏଥିରୁ ବଞ୍ଚିତ କରାଯାଇଥିଲା। ବିହନ ସରିଯାଇଥିବା କହି ବହୁ ଚାଷୀଙ୍କୁ ବିଭାଗ ଫେରାଇ ଦେଇଥିବାବେଳେ ବେଆଇନ ଭାବେ ମୁଗ, ଚିନାବାଦାମ, ସୂର୍ଯ୍ୟମୁଖୀ ବିହନ ଦୀର୍ଘଦିନ ଧରି ଗୋଦାମ ଗୃହରେ ମହଜୁଦ କରି ରଖାଯାଇଥିଲା। ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିବା ନେଇ ଭିଏଲଡବ୍ଲୁଙ୍କ ମାଧ୍ୟମରେ କାଗଜପତ୍ର ପ୍ରସ୍ତୁତ ହେବା ପରେ ବଳକା ବିହନକୁ ଦଲାଲ ମାଧ୍ୟମରେ ଖୋଲା ବଜାରରେ ବିକ୍ରୟ ବ୍ୟବସ୍ଥା ହୋଇଥିଲା। ସରକାରୀ ଗୋଦାମରୁ ଶୁକ୍ରବାର ଗାଡ଼ିରେ ଲଦି ବିହନ ବିକ୍ରୟ ହେବାକୁ ଯିବା ଅଭିଯୋଗ ସମ୍ପର୍କରେ ବ୍ଲକ କୃଷି ଅଧିକାରିଣୀ ପ୍ରମୋଦିନୀ ପ୍ରଧାନଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିବା ସହିତ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ସେହିପରି ବ୍ଲକ୍ କୃଷି ବିଭାଗ ଓଭରସିଅର ରଞ୍ଜନ ଦାସଙ୍କୁ ପଚାରିବାରୁ ବାଦାମ ବିହନ ଗୋଦାମରେ ରହି ଖରାପ ହୋଇଥିବାରୁ ଏହାକୁ ଦିଆଯାଇଥିବା କହିଛନ୍ତି। ତେବେ ଚଳିତ ଋତୁରେ ଚାଷ ଉପଯୋଗୀ ସରକାରୀ ମୁଗ ଓ ସୂର୍ଯ୍ୟମୁଖୀ ବିହନ ଚାଷୀଙ୍କୁ ନ ଦେଇ କାହିଁକି ବାହାରେ ବିକ୍ରି କରାଗଲା ବୋଲି ପ୍ରଶ୍ନ ହେବାରୁ ସେ ନିରବ ରହିଥିଲେ। ସେହିପରି ଏ ସମ୍ପର୍କରେ ଜଣେ ଭିଏଲଡବ୍ଲୁଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାର ବିହନ ଦେଉଥିଲେ ମଧ୍ୟ ଆମକୁ ଗାଡ଼ି ଭଡା ମିଳୁ ନ ଥିବାରୁ ବିହନ ବିକି ଗାଡ଼ି ଭଡ଼ା ଦେଉଛୁ। କୃଷି ବିଭାଗ ଗୋଦାମ ଗୃହ ବ୍ଲକ କୃଷି ଅଧିକାରିଣୀଙ୍କ ଦାୟିତ୍ୱରେ ରହୁଥିବାବେଳେ ତାଙ୍କ ଅଜାଣତରେ ଓ ତାଙ୍କ ଅନୁମତି ବିନା ଚାଷୀଙ୍କୁ ଦିଆ ନ ଯାଇ ଶହ ଶହ କ୍ୱିଣ୍ଟାଲ ବିହନ ଏଠାରେ ଗଚ୍ଛିତ ରଖାଯିବା ଓ କିଛିଦିନ ବ୍ୟବଧାନରେ ଏଠାରୁ ବିହନ ବିକ୍ରି ପାଇଁ ପଠାଯିବା ସମ୍ଭବ କି ବୋଲି ଚାଷୀ ହିମାଂଶୁ ମହାପାତ୍ର, ଅରୁଣ ଦାସ, ସୁବାସ ପରିଡା, ଜୟନ୍ତ ନାୟକ, ସରୋଜ ରାୟ, ପରେଶ ପରିଡା ପ୍ରମୁଖ ପ୍ରଶ୍ନ କରିଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଚାଷୀ ମୂଳିଆ ସଂଘ ସଭାପତି ବିଧୁଭୂଷଣ ମହାପାତ୍ର, ସମ୍ପାଦକ ଫକୀର ଖଟୁଆ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

